

ଅତୀତ ଜୀବନର ଅନ୍ଧକାର ଅଧ୍ୟାୟ ଖୁବ୍ କଷ୍ଟକର। ସେ ସବୁ ମନେପଡିଲେ ଆଖିରେ ଲୁହ ଜକେଇ ଆସେ।

-ସନ୍ନି ଲିଓନ୍, ବଲିଉଡ ଅଭିନେତ୍ରୀ


ମୋତେ ଭଲଲାଗେ ପିଲାଙ୍କ ଧରିତ୍ରୀ ।

ମୁଁ ବି ଧରିତ୍ରୀ ପଢ଼େ ।

DHARITRI

www.dharitri.com




# ‘ଭାଜପା ବିରୋଧରେ ଭୋଟ ଦିଅ’

**ନୂଆଦିଲ୍ଲୀ,୫ା୪**

ସମାନତା ଓ ସାମାଜିକ ନ୍ୟାୟର ପ୍ରଚାର କରୁଥିବା ନେତୃତ୍ୱକୁ ସମର୍ଥନ କରି ଭାଜପା ବିରୋଧରେ ଭୋଟ ଦେବାକୁ ୬୦୦ରୁ ଊର୍ଦ୍ଧ୍ୱ କଳାକାର ଦେଶର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେମାନଙ୍କ ପକ୍ଷରୁ ଏକ ମିଳିତ ବିବୃତିରେ ଭୋଟରଙ୍କୁ କୁହାଯାଇଛି, ‘ଦେଶରେ ଭିନ୍ନ ମତବାଦର ଏକୀକରଣ ଓ ଧର୍ମନିରପେକ୍ଷତା ସୁରକ୍ଷାରେ ସହାୟତା କରନ୍ତୁ’। ଏଥିପାଇଁ ଜାରି ଏକ ଆବେଦନପତ୍ରରେ ସ୍ୱାକ୍ଷର କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ଅମୋଲ ପାଲେକର, ଅରୁନ୍ଧତୀ ରାୟ, ଗିରିଶ କର୍ନଡ, ନାସିରୁଦ୍ଦିନ୍ ଶାହ, ଏମ୍.କେ. ରାଇନା, କବିତା ଲଙ୍କେଶ, କୋଙ୍କଣା ସେନ୍‌ଶର୍ମା, ମଲ୍ଲିକା ତନେଜା ଏବଂ ନଭତେଜ୍ ଜୋହର। ଏଥିରେ କୁହାଯାଇଛି, ଭାରତରେ ଥିଏଟର ନିର୍ମାତାଙ୍କର ଏକ ସୁଦୀର୍ଘ ଓ ଗୌରବମୟ ପରମ୍ପରା ରହିଛି। ଏଥିରେ ଗୋଷ୍ଠୀବାଦ, ସଂକୀର୍ଣ୍ଣତାବାଦ, ଅତିବେଶି ଦେଶପ୍ରୀତିର ପ୍ରଚାର କରୁଥିବା ଶକ୍ତିକୁ ବିରୋଧ କରାଯାଏ। କେବଳ ଏହା ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଓ ଅଖଣ୍ଡ ଭାରତରେ ବିଶ୍ୱାସ କରେ। ବର୍ତ୍ତମାନ ଅତ୍ୟଧିକ ଦେଶପ୍ରୀତିର ନାରା ଭାରତ ପାଇଁ ବିପଦ ଆଣିଛି। ସଂଗୀତ, ନୃତ୍ୟ, ବ୍ୟଙ୍ଗ ପ୍ରତି ପ୍ରତିବନ୍ଧକ ଦେଖାଦେଇଛି। ଆମର ସମ୍ବିଧାନ ପ୍ରତି ମଧ୍ୟ ବିପଦ ଦେଖାଦେଇଛି। ଯୁକ୍ତିଯୁକ୍ତତା, ବିତର୍କ ଏବଂ ଅସନ୍ତୋଷ ଭାବ ପ୍ରକାଶର କଣ୍ଠରୋଧ କରାଯାଉଛି। ଆସନ୍ତା ଲୋକ ସଭା ନିର୍ବାଚନ ସ୍ୱାଧୀନ ଭାରତ ଇତିହାସରେ ଅତ୍ୟନ୍ତ ସଂକଟଜନକ ସ୍ଥିତି ସୃଷ୍ଟି କରିଛି। ଏଥିପାଇଁ ଥିଏଟର କଳାକାରମାନେ ସ୍ନେହ ଓ କରୁଣା, ସମାନତା ଓ ସାମାଜିକ ନ୍ୟାୟକୁ ସମର୍ଥନ କରିବା ସହିତ ଦେଶରେ ବର୍ବରତା ଏବଂ ଅରାଜକତାର ମଞ୍ଜି ବୁଣିବା ଭଳି ମନେହେଉଥିବା ଶକ୍ତିକୁ ବିରୋଧ କରିବା ପାଇଁ ନିବେଦନ କରାଯାଇଛି। ଘୃଣ୍ୟ ରାଜନୀତି, ଧର୍ମାନ୍ଧତାରେ ବିଶ୍ୱାସୀ ବ୍ୟକ୍ତିଙ୍କୁ କ୍ଷମତାରୁ ଦୂରେଇ ରଖିବା ଆବଶ୍ୟକ। ବିଶେଷକରି ଭାଜପା ଓ ଏହାର ସହଯୋଗୀ ଦଳଗୁଡ଼ିକୁ ବିରୋଧ କରି ବିଜ୍ଞତାର ସହିତ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଦଳକୁ ଭୋଟ ଦେବାକୁ କଳାକାର ଗୋଷ୍ଠୀ ପକ୍ଷରୁ ନିବେଦନ କରାଯାଇଛି।

**୬୦୦ କଳାକାରଙ୍କ ନିବେଦନ**



ନାସିରୁଦ୍ଦିନ୍ ଶାହ    କୋଙ୍କଣା ସେନ୍‌ଶର୍ମା

# ପ୍ରଥମ ପର୍ଯ୍ୟାୟ ନିର୍ବାଚନ : ୨୯% ଦାଗୀ ପ୍ରାର୍ଥୀ

**ନୂଆଦିଲ୍ଲୀ,୫ା୪**

ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୨୧୩ ଜଣଙ୍କ ବିରୋଧରେ ଆପରାଧିକ ମାମଲା ଚାଲିଛି। ସେହିପରି ୧୪୬ ପ୍ରାର୍ଥୀଙ୍କ ନାମରେ ସଙ୍ଗିନ ଆପରାଧିକ ମାମଲା ବିଚାରାଧୀନ ଅଛି। ନିର୍ବାଚନ ମଇଦାନରେ ଏଭଳି ୧୨ ପ୍ରାର୍ଥୀ ଅଛନ୍ତି, ଯେଉଁମାନେ ବିଭିନ୍ନ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟରେ ୨୦ ରାଜ୍ୟର ୯୧ ଆସନରେ ନିର୍ବାଚନ ହେବ। ଏଥିପାଇଁ ୧,୨୭୯ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନ ବେଳେ ପ୍ରାର୍ଥୀମାନେ ଦେଇଥିବା ସତ୍ୟପାଠଗୁଡ଼ିକୁ ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ନ୍ୟାଶନାଲ ଇଲେକ୍ସନ ୱାଚ୍ ଏବଂ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ମିଳିତ ଭାବେ ଅନୁଧ୍ୟାନ କରାଯାଇଛି। ପ୍ରାର୍ଥୀଙ୍କ ମଧ୍ୟରୁ ୧,୨୬୬ ଜଣଙ୍କ ସତ୍ୟପାଠ ବିଶ୍ଳେଷଣ କରାଯାଇଥିବାବେଳେ ଅବଶିଷ୍ଟ ୧୩ ଜଣ ଉପଯୁକ୍ତ ଦସ୍ତାବିଜ ସହ ସମ୍ପୂର୍ଣ୍ଣ ସତ୍ୟପାଠ ଦାଖଲ କରିନାହାନ୍ତି। ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ୧୦ ପ୍ରାର୍ଥୀ ସେମାନଙ୍କ ବିରୋଧରେ ହତ୍ୟା ମାମଲା ବିଚାରାଧୀନ ଥିବା ସ୍ୱୀକାର କରିଛନ୍ତି। ୨୫ ପ୍ରାର୍ଥୀଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରହିଛି। ୪ ଜଣ ପ୍ରାର୍ଥୀ ସେମାନଙ୍କ ନାମରେ ଅପହରଣ, ରାହାଜାନି ପାଇଁ ଅପହରଣ, ହତ୍ୟା ପାଇଁ ଅପହରଣ କିମ୍ବା ଜବରଦସ୍ତ ବିବାହ ଉଦ୍ଦେଶ୍ୟରେ ମହିଳାଙ୍କୁ ଅପହରଣ ଭଳି ମାମଲା ରହିଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ୧୬ ପ୍ରାର୍ଥୀଙ୍କ ବିରୋଧରେ ବଳାତ୍କାର ଓ ମହିଳାଙ୍କୁ ଅପମାନ ଭଳି ଅପରାଧ ମାମଲା ରହିଛି। ୧୨ ପ୍ରାର୍ଥୀ ଘୃଣା ମନ୍ତବ୍ୟ ଦେଇ ମାମଲାରେ ଛନ୍ଦି ହୋଇଛନ୍ତି। ଅନ୍ୟପକ୍ଷରେ ଦଳଗୁଡ଼ିକ ମଧ୍ୟରୁ ୮୩ ଭାଜପା ପ୍ରାର୍ଥୀଙ୍କ ମଧ୍ୟରୁ ୩୦ ଜଣ (୩୬%), କଂଗ୍ରେସର ୮୩ ପ୍ରାର୍ଥୀଙ୍କ ମଧ୍ୟରୁ ୩୫ ଜଣ (୪୨%) ଏବଂ ବିଏସ୍‌ପିର ୩୨ ପ୍ରାର୍ଥୀଙ୍କ ମଧ୍ୟରୁ ୮ ଜଣ (୨୫%)ଙ୍କ ବିରୋଧରେ ମାମଲା ଚାଲିଛି। ସେହିପରି ୱାଇଏସ୍‌ଆର୍‌ସିପିର ୨୫ ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣ (୫୨%), ଟିଡିପିର ୨୫ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣ (୧୬%) ଏବଂ ଟିଆର୍‌ଏସ୍‌ର ୧୭ ପ୍ରାର୍ଥୀଙ୍କ ମଧ୍ୟରୁ ୫ ଜଣ (୨୯%) ସେମାନଙ୍କ ବିରୋଧରେ ଆପରାଧିକ ମାମଲା ବିଚାରାଧୀନ ଥିବା ସତ୍ୟପାଠରେ ଦର୍ଶାଇଛନ୍ତି। ୪୦୧ ପ୍ରାର୍ଥୀ କୋଟିପତି ହୋଇଥିବାବେଳେ ପ୍ରତ୍ୟେକ ପ୍ରାର୍ଥୀଙ୍କ ସମ୍ପତ୍ତିର ହାରାହାରି ମୂଲ୍ୟ ୬.୬୩ କୋଟି ଟଙ୍କା ବୋଲି ଜଣାପଡ଼ିଛି।

**ଏଡିଆର୍ ରିପୋର୍ଟ**

- ୨୧୩ (୧୭%) ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା
- ୧୪୬ (୧୨%)ଙ୍କ ନାମରେ ସଙ୍ଗିନ ମାମଲା
- ୪୦୧(୩୨%) ଜଣ କୋଟିପତି
- ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୬.୬୩ କୋଟି

NATIONAL ELECTION WATCH

ADR Association for Democratic Reforms

# ନେପୋଲିୟନ୍‌ଙ୍କ ପ୍ରେମପତ୍ର ନିଲାମ

**ପ୍ୟାରିସ୍:** ଫ୍ରାନ୍ସ ସମ୍ରାଟ ନେପୋଲିୟନ୍ ବୋନାପାର୍ଟଙ୍କ ୩ଟି ପ୍ରେମପତ୍ର ୫ଲକ୍ଷ ୧୩ହଜାର ୟୁରୋରେ ନିଲାମ କରାଯାଇଛି। ନେପୋଲିୟନ୍ ଏହି ପତ୍ରଗୁଡିକ ୧୭୯୬ରୁ ୧୮୦୪ ମଧ୍ୟରେ ତାଙ୍କ ସ୍ତ୍ରୀ ଜୋସେଫାଇନ୍‌ଙ୍କ ନିକଟକୁ ଲେଖିଥିଲେ ବୋଲି ଡ୍ରାଉଟ୍ ଅକ୍ସନ ହାଉସ୍ ପକ୍ଷରୁ କୁହାଯାଇଛି। ୧୭୯୬ରେ ଇଟାଲି ଅଭିଯାତ୍ରା ସମୟରେ ଫ୍ରାନ୍ସ ଶାସକ ତାଙ୍କ ସ୍ତ୍ରୀ ପାଖକୁ ଲେଖିଥିବା ଗୋଟିଏ ଚିଠିରେ ଉଲ୍ଲେଖ ରହିଛି ‘ମୋ ଆଦରଣୀୟା ସାଥୀ, ଆସିବା ଦିନୁ ତୁମଠାରୁ କୌଣସି ଚିଠି ପାଇନାହିଁ। ତୁମେ ନିଶ୍ଚୟ ଅନ୍ୟମନସ୍କତା ମଧ୍ୟରେ ରହୁଥିବ। ଅତିଶୟ କ୍ଳାନ୍ତ ବେଳେ ତୁମକୁ ଭାବୁଛି ଏବଂ କେବଳ ତୁମକୁ ହିଁ କାମନା କରୁଛି।’

ଫ୍ରେଞ୍ଚ୍ ଆଡେର ଆଣ୍ଡ ଆଗୁଟିସ୍ ଦ୍ୱାରା ପରିଚାଳିତ ଏହି ଐତିହାସିକ ଅକ୍ସନ ହାଉସ୍‌ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ନାଜି ଜର୍ମାନୀଙ୍କ ଦ୍ୱାରା ବ୍ୟବହୃତ ଜଟିଳ ବିଷୟକୁ ରୂପାନ୍ତର କରୁଥିବା ଏକ ମେଶିନ୍‌କୁ ମଧ୍ୟ ୪୮,୧୦୦ ୟୁରୋ ମୂଲ୍ୟରେ ନିଲାମ କରାଯାଇଛି।

# ଭୋଟ ଦେବା ପାଇଁ ୧୬ ବର୍ଷ ପ୍ରତୀକ୍ଷା



**ଗୁର୍‌ଦାସପୁର (ପଞ୍ଜାବ),୫ା୪(ପି.ଟି.)**

**୨୦୦୩ରେ ଗୁର୍‌ଦାସପୁରକୁ ବୋହୂ ହୋଇ ଆସିଥିଲେ ପାକିସ୍ତାନୀ**

୨୦୦୩ରେ ଜଣେ ଭାରତୀୟ ନାଗରିକଙ୍କୁ ବିବାହ କରିଥିବା ପାକିସ୍ତାନୀ ମହିଳାଙ୍କୁ ଦେଶର ସାଧାରଣ ନିର୍ବାଚନରେ ଭୋଟଦାନ ଲାଗି ଅପେକ୍ଷା କରିବାକୁ ପଡିଲା ୧୬ବର୍ଷ। ୩୭ବର୍ଷ ବୟସ୍କା ତାହିରା ମକବୁଲ୍ ୨୦୧୯ ଲୋକ ସଭା ନିର୍ବାଚନରେ ଗୁର୍‌ଦାସପୁର ନିର୍ବାଚନ ମଣ୍ଡଳୀରେ ମେ ୧୨ରେ ନିଜର ମତାଧିକାର ସାବ୍ୟସ୍ତ କରିବେ। ଜୀବନରେ ପ୍ରଥମ ଥର ପାଇଁ ସେ ସଂସଦୀୟ ନିର୍ବାଚନରେ ମତଦାନ କରିବେ। ଅବଶ୍ୟ ସେ ୨୦୧୭ରେ ପଞ୍ଜାବ ବିଧାନସଭା ନିର୍ବାଚନରେ ପ୍ରଥମକରି ଭୋଟଦାନ କରିଥିବାରୁ ଏଥିପାଇଁ ଦୀର୍ଘ ୧୩ବର୍ଷ ଅପେକ୍ଷାର ଅନ୍ତ ଘଟିଥିଲା। ଭୋଟଦାନ ତାଙ୍କର ମୌଳିକ ଅଧିକାର। ୨୦୦୩ ଡିସେମ୍ବରରେ ତାହିରା ପାକିସ୍ତାନର ଫଇସଲାବାଦ୍‌ରୁ ଭାରତ ଆସିଥିଲେ। ବୃତ୍ତିରେ ଲେଖକ ଥିବା ଭାରତୀୟ ନାଗରିକ ମକବୁଲ ଅହମଦଙ୍କୁ ବିବାହ କରିବା ପରଠାରୁ ସେ ଗୁର୍‌ଦାସପୁର ଜିଲାର ଏକ ଛୋଟ ସହର କାଦିଆନ୍‌ରେ ବସବାସ କରିଆସୁଛନ୍ତି। ସେ ବିବାହ କରିବା ପରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିବା ମନେପକାଇ କହିଥିଲେ। ସେ ବିବାହର ୮ମାସ ପରେ ଭାରତୀୟ ଭିଜା ପାଇଥିଲେ। ଏହି ଭିଜାର ଅବଧି ୧୩ବର୍ଷରେ ୧୩ଥର ବୃଦ୍ଧି କରାଯାଇଛି। ତାହିରା ୨୦୧୧ରେ ଭାରତୀୟ ସଂବିଧାନ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ସହିତ ସବୁ ପ୍ରକାର ଆଇନଗତ ଔପଚାରିକତା ସମ୍ପୂର୍ଣ୍ଣ କରିଥିଲେ। ଦୀର୍ଘ ୫ବର୍ଷ ପରେ ଭାରତର ନାଗରିକ ଭାବେ ଭୋଟର ତାଲିକାରେ ତାଙ୍କ ନାମ ଦରଜ କରାଯାଇଥିଲା ବୋଲି ସେ ପ୍ରକାଶ କରିଛନ୍ତି।

## [ଇତିହାସର ଆଇନାରେ] ଏପ୍ରିଲ ୬ର ପ୍ରମୁଖ ଘଟଣା

୧୯୯୨ ଏପ୍ରିଲ ୬ରେ ବୋସ୍‌ନିଆ ଯୁଦ୍ଧ ଆରମ୍ଭ ହୋଇଥିଲା। ବୋସ୍‌ନିଆ ଏବଂ ହେର୍ଜଗୋଭିନା ମଧ୍ୟରେ ଉପୁଜିଥିବା ଏହି ଯୁଦ୍ଧକୁ ଅନ୍ତର୍ଜାତୀୟ ସଶସ୍ତ୍ର ବିପ୍ଲବ କୁହାଯାଏ। ୧୯୯୨ ଏପ୍ରିଲ ୬ରେ ଯୁଦ୍ଧ ଆରମ୍ଭ ହୋଇଥିଲା। ୧୯୯୫ ଡିସେମ୍ବର ୧୪ରେ ଏହି ଯୁଦ୍ଧର ପରିସମାପ୍ତି ଘଟିଥିଲା।

୨୦୧୨ ଏପ୍ରିଲ ୬ରେ ରିପବ୍ଲିକ୍ ଅଫ୍ ମାଲିଠାରୁ ଆଜାୱାଦକୁ ସ୍ୱାଧୀନ ଘୋଷଣା କରାଯାଇଥିଲା। ନ୍ୟାଶନାଲ ମୁଭମେଣ୍ଟ ଫର ଦି ଲିବରେଶନ୍ ଅଫ୍ ଆଜାୱାଦ (ଏମ୍‌ଏନ୍‌ଏଲ୍‌ଏ) ଦ୍ୱାରା ଏହାକୁ ଏକପକ୍ଷୀୟ ଭାବେ ସ୍ୱାଧୀନ ଘୋଷଣା କରାଯାଇଥିଲା।


**NOTICE**

To	Date: 21.03.2019

**Sri Sailendra Narayan Rout,** S/o: Kulamani Rout,
At/PO: Koilipur, PS: Rajkanika, Dist: Kendrapara
**At Present: C/o: Bijay Kumar Mohanty**, EP-98, Stage-I,
BDA Colony, PO: Budheswari, Laxmi Sagar, Bhubaneswar.
**Sub: Legal Notice under Section 138 of N.I. Act. 1881.**

Dear Sir,

On behalf of and on instruction of my client Sri Madhaba Nanda Mallick, I do hereby serve upon you the following legal notice.

1. That you have borrowed money amounting Rs. 12,00,000/- (Rupees twelve lakh only) from my client on dtd. 01.05.2018 and assured to my client to repay the same within two months. Within that period you did not pay the same to my client for which my client requested you to pay the same. Inspite of it you did not pay the said amount and on 28.11.2018 you executed an unregistered agreement to repay the same for which you issued two cheques bearing No. 250263 & 250264 dated 02.02.2019 amounting Rs. 6,00,000/- each to my client which was returned by his bank on 22.02.2019 on the ground **"INSUFFICIENT FUND"**.
2. Through this Notice, you are called upon to pay my client Sri Madhabananda Mallick, an amount of Rs. 12,00,000/- within 15 days from the date of receipt of this notice, failing which Sri Madhabananda Mallick shall be compelled to initiate recovery proceeding against you in the Court of Law u/s. 138 of Negotiable instrument Act, 1881 and you shall also be liable to bear the cost of the proceeding.

**Subhalaxmi Senapati, Advocate**



**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯**

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ଯେ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଋଣଗ୍ରହୀତାଙ୍କ ନାମ ଓ ଠିକଣା/ ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତାମାନେ: ଶ୍ରୀ ପ୍ରମୋଦ କୁମାର ଜେନା,** ପିତା- ନିଗମାନନ୍ଦ ଜେନା ଏବଂ **ଶ୍ରୀମତୀ ଅନୀତା କୁମାରୀ ବଡ଼ାଇ,** ସ୍ୱା-ନିଗମାନନ୍ଦ ଜେନା, ଉଭୟଙ୍କ ଠିକଣା: ପ୍ଲଟ ନଂ.-୨୪୩୪, ଉଲ୍ଲାସ ଛକ, କପିଳପ୍ରସାଦ, ସୁନ୍ଦରପଦା, ଭୁବନେଶ୍ୱର-୭୫୧୦୦୨ । **ସମ୍ପତ୍ତିର ମାଲିକ- ଶ୍ରୀ ପ୍ରମୋଦ କୁମାର ଜେନା ।** | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.-୬୩୧, ଅବିଭାଜିତ ଏରିଆ ଏକର୦.୬୮୯ ଡିସିମିଲି ମଧ୍ୟରୁ ଏକର୦.୦୦୭.୩୯ ଡିସିମିଲି, ତ୍ରାହୀ ଜଗନ୍ନାଥ ଏନ୍‌କ୍ଲେଭର ଫ୍ଲାଟ ନଂ.-ବି ୬୦୪, ଏସ୍‌ବିଏ ୯୬୦ ବର୍ଗଫୁଟ, ଷଷ୍ଠ ମହଲା, ବ୍ଲକ-ବି, ଖାତା ନଂ.-୨୨୫, ଯାହାର ଅନୁରୂପ ହାଲ ସଂଶୋଧିତ ଖାତା ନଂ.-୩୭୭/୯୮, କିସମ-ଘରବାରୀ, ମୌଜା- ଖୁଆ, ଆଇ/ଏସ୍‌ଆରଓ- ଜଟଣୀ, ଥାନା- ଭୁବନେଶ୍ୱର ୫୧, ହାଲ ଥାନା - ଏୟାରଫିଲ୍ଡ, ଜିଲ୍ଲା- ଖୋର୍ଦ୍ଧା, ଏରିଆ- ଏକର୦.୬୮୯ ଡିସିମିଲି, ଚଉହଦି: ଉତ୍ତର- ଫ୍ଲାଟ ନଂ.-ବି/୬୦୩ ଖୋଲା ଯାଗା, ଦକ୍ଷିଣ- ରାସ୍ତା, ପୂର୍ବ- ବ୍ଲକ ଏ, ପଶ୍ଚିମ- ଫ୍ଲାଟ ନଂ. ବି ୬୦୫ । | ୩୧.୧୨.୨୦୧୮ | ୦୩.୦୪.୨୦୧୯ | ଟ.୧୫,୪୦,୪୬୦/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

**ସ୍ଥାନ-ଭୁବନେଶ୍ୱର, ତାରିଖ-୦୫.୦୪.୨୦୧୯**	**କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**



ଲୋକସଭା ନିର୍ବାଚନ ୨୦୧୯ ଦେଶର ମହା ପର୍ବ

୭ ସେକେଣ୍ଡ ପାଇଁ ଦେଖିପାରିବେ ।

VVPAT



ଭୋଟର ପାଇଁ ବିଶ୍ୱାସର ପ୍ରତୀକ

ଆଗାମୀ ନିର୍ବାଚନରେ ପ୍ରତ୍ୟେକ ଭୋଟ ଗ୍ରହଣ କେନ୍ଦ୍ରରେ EVM ସହିତ ମତଦାନ କକ୍ଷରେ VVPAT ରହିବ ।

VVPAT ମେସିନ ଏକ କାଗଜ ଚିରିକୁଟି ଛାପିବ ଯାହା ଆପଣ VVPAT ଝରକାରେ ଭୋଟ ଦେଇଥିବା ପ୍ରାର୍ଥୀଙ୍କ କ୍ରମିକ ନମ୍ବର, ନାମ ଏବଂ ନିର୍ବାଚନୀ ସଙ୍କେତ ୭ ସେକେଣ୍ଡ ପାଇଁ କାଗଜ ଚିରିକୁଟିରେ ଦେଖିପାରିବେ ।

VVPAT ଆପଣଙ୍କୁ ଆଶ୍ୱସ୍ତ କରିବ ଯେ, ଆପଣଙ୍କ ଭୋଟ ଆପଣଙ୍କ ପ୍ରାର୍ଥୀଙ୍କୁ ହିଁ ଯାଇଛି ।

ପରଖି ନିଅନ୍ତୁ: କାହାକୁ ଦେଲେ ଭୋଟ

ଭାରତର ଭରସା | ବିଶ୍ୱାସର ପ୍ରତୀକ | ବିଶ୍ୱାସର ଉଦାହରଣ

www.ceoorissa.nic.in
www.nvsp.in
Chief Electoral Officer, Odisha
ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ଦ୍ୱାରା ଜନହିତରେ ପ୍ରକାଶିତ ।

Voter Helpline 1950

12001/13/0046/1819
ASC/19/03
DSPL-496



ଅନ୍ୟଠାରୁ ଯାହା ଉପକାର ପାଇଲ, ତାକୁ ଭୁଲିଯିବା ଉଚିତ ନୁହେଁ କି ଅନ୍ୟ ପ୍ରତି କରିଥିବା ଉପକାର କଥା ଆଦୌ ମନେ ପକାଇବା ଉଚିତ ନୁହେଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବାଇକ୍ ଧକ୍କାରେ ଯୁବକ ମୃତ

**ଭୁବନେଶ୍ୱର,୫।୪(ବ୍ୟୁରୋ):**ଖାରବେଳନଗର ଥାନା ଅଧୀନ ଶାସ୍ତ୍ରୀନଗର ଛକରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଏକ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଥିସହ ଧକ୍କା ଦେଇଥିବା ବାଇକ ଚାଳକ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରିରଖିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବୋଲି ପୋଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ଯୁବକ ଜଣକ ଶାସ୍ତ୍ରୀନଗର ଛକ ନିକଟରେ ରାସ୍ତା ପାରି ହେଉଥିଲେ। ଏହି ସମୟରେ ବାଇକ ଚାଳକ ଜଣକ ଦ୍ରୁତଗତିରେ ବେହେରା ଛକ ଅଭିମୁଖେ ଯାଉଥିବା ବେଳେ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ସମ୍ପୃକ୍ତ ଯୁବକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହକୁ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ତାଙ୍କ ପରିବାର ଲୋକେ ଆସିଲେ ବ୍ୟବଚ୍ଛେଦ କରାଯାଇ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

### ଜମି ଦେବା ଆଳରେ ଠକେଇ
### ଫେରାର ବିଲ୍ଡର ଗିରଫ

**ଭୁବନେଶ୍ୱର,୫।୪(ବ୍ୟୁରୋ):**ରାଜଧାନୀ ଉପକଣ୍ଠ ଅଞ୍ଚଳରେ ସୁଲଭ ମୂଲ୍ୟରେ ଲୋକଙ୍କୁ ଜମି ଦେବା ଆଳରେ ଲକ୍ଷ ଲକ୍ଷ ଟଙ୍କା ଠକିନେଇ ଫେରାର ଥିବା ଜଣେ ବିଲଡରଙ୍କୁ ଶୁକ୍ରବାର ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଆଇଆର୍‌ସି ଭିଲେଜ ଅଞ୍ଚଳସ୍ଥ ଫ୍ରେଣ୍ଡ୍‌ସ ବିଲଡର ସଂସ୍ଥାର ନିର୍ଦ୍ଦେଶକ ପ୍ରମୋଦ କୁମାର ରାୟ। ସୂଚନା ମୁତାବକ, ପ୍ରମୋଦ ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳରେ ସୁଲଭ ମୂଲ୍ୟରେ ଜମି ଦେବାକୁ କହି କ୍ରେତାମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଅଗ୍ରିମ ଆକାରରେ ନେଇଯାଇଥିଲେ। ମାତ୍ର ଜମାକାରୀମାନଙ୍କୁ ଜମି ହସ୍ତାନ୍ତର କରି ନ ଥିଲେ। ଏ ନେଇ ଜମାକାରୀମାନେ ପ୍ରମୋଦଙ୍କ ନାମରେ ଥାନାରେ ଅଭିଯୋଗ କରିବା ପରେ ସେ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ଜମାକାରୀମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ୫୦୭୪/୧୭ରେ ୧ସିସି ମାମଲା ରୁଜୁ କରାଯିବା ସହ ପ୍ରମୋଦଙ୍କ ନାମରେ କୋର୍ଟ ପକ୍ଷରୁ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରି କରାଯାଇଥିଲା।

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ବାଲିଅନ୍ତା,୫।୪(ଡି.ଏନ୍.ଏ.):**ବାଲିଅନ୍ତା ଥାନା ଅଧୀନ ଫୁଲନଖରା-ନିଆଳୀ ରାସ୍ତାର ଅନନ୍ତପୁର ଅନ୍ତର୍ଗତ ଯୋହଳଗରା ନିକଟରେ ଶୁକ୍ରବାର ରାତି ୧୦ଟା ୩୦ରେ ଏକ କାର୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ଥାନା ଅଧୀନ ଜୟରଶାସନ ମୌଜାର ମନ୍ଦାରିଆପାଟଣା ଗ୍ରାମର ସୁଶାନ୍ତ କୁମାର ପଣ୍ଡା (୫୬)। ସେ ନଖରାରୁ ବାଇକରେ ଘରକୁ ଫେରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଉକ୍ତ କାର୍‌ଟି ପଛପଟୁ ଧକ୍କା ଦେଇଥିଲା। ବାଇକ୍‌ଟି ଡିଭାଇଡରେ ପିଟି ହୋଇ ସୁଶାନ୍ତ ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତେଜନା ହୋଇ ରାସ୍ତାରୋକୋ କରିଛନ୍ତି। ବାଲିଅନ୍ତା ଥାନା ଅଧିକାରୀ ପ୍ରଦୀପ କୁମାର ରାଉତ ଏବଂ ଜୋନ-୪ ଏସିପି ଅମରେନ୍ଦ୍ର ପଣ୍ଡା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାରୁ ରାସ୍ତାରୋକୋ ହଟିଥିଲା। କାର୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି।

# ଗୋପବନ୍ଧୁ ବସ୍ତିରେ ଆତଙ୍କ ଖେଳାଇଲେ ଯୁବକ

- ୪ ଜଣଙ୍କ ମୁଣ୍ଡ ଫଟାଇଲେ, ଘର ଭାଙ୍ଗିଲେ
- ପୋଲିସ କୋହଳ ଦଫା ଲଗାଇ ଗିରଫ କରିଥିବା ଅଭିଯୋଗ
- ଅଭିଯୋଗକାରୀଙ୍କ ବିରୋଧରେ ପାଲଟା ମାମଲା
- ଡିସିପିଙ୍କ ଦ୍ୱାରସ୍ଥ ହେଲେ ବସ୍ତିବାସିନ୍ଦା

ଭୁବନେଶ୍ୱର, ୫।୪ (ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଧୀନ ଗୋପବନ୍ଧୁ ବସ୍ତିରେ ଗୁରୁବାର ରାତିରେ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଆତଙ୍କ ଖେଳାଇଛନ୍ତି। ସେ ବସ୍ତିର ଏକ ରାସ୍ତାକୁ ଖୋଳିଦେବା ସହ ୪ଜଣଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଛନ୍ତି। ସେହିପରି ଅନେକ ଲୋକଙ୍କ ଘରେ ପଶି ଭଙ୍ଗାରୁଜା କରିଛନ୍ତି। ଏ ନେଇ ବସ୍ତିବାସିନ୍ଦାଙ୍କ ଅଭିଯୋଗ କ୍ରମେ ପୋଲିସ ସମ୍ପୃକ୍ତ ଯୁବକ ସୌମ୍ୟ ରଞ୍ଜନ ଦାଶ ଓରଫ ପପୁଙ୍କୁ ଗିରଫ କରିଛି। ତାଙ୍କ ନାମରେ ପୂର୍ବରୁ ମଞ୍ଚେଶ୍ୱର ଥାନାରେ ୧୦ରୁ ଊର୍ଦ୍ଧ୍ୱ ମାମଲା ରହିଥିବା ଜଣାପଡ଼ିଛି। ତେବେ ଏହି ଘଟଣାରେ ପୋଲିସ ତାଙ୍କୁ ଖସାଇବା ପାଇଁ କୋହଳ ଦଫା ଲଗାଇବା ସହ ଅଭିଯୋଗକାରୀଙ୍କ ବିରୋଧରେ ପାଲଟା ମାମଲା ରୁଜୁ କରିଥିବା ବସ୍ତିବାସିନ୍ଦା ଅଭିଯୋଗ ଆଣି ଶୁକ୍ରବାର ଡିସିପି ଅନୁପ କୁମାର ସାହୁଙ୍କୁ ଭେଟିଛନ୍ତି। ଏହାର ତଦନ୍ତ କରାଯିବ ବୋଲି ଡିସିପି ପ୍ରତିଶ୍ରୁତି ଦେଇଥିବା ସେମାନେ କହିଛନ୍ତି।

ସୂଚନା ଅନୁଯାୟୀ, ଗୋପବନ୍ଧୁ ବସ୍ତିରେ ଜଣେ ବ୍ୟକ୍ତି ଘର କାମ କରୁଥିଲେ। ଗୁରୁବାର ସକାଳେ ବସ୍ତି ଭିତରକୁ ଏକ ଇଟା ଗାଡ଼ି ଯିବା ଦ୍ୱାରା ଡ୍ରେନ ନିକଟରେ ଥିବା ଢଳେଇ ରାସ୍ତା ଦବିଯାଇଥିଲା। ଏହି ରାସ୍ତା ମରାମତି ପାଇଁ ଟଙ୍କା ଦେବାକୁ ଗାଡ଼ି ମାଲିକ ରାଜି ହୋଇଥିଲେ। ସେ ବସ୍ତିର ଜଣେ ମହିଳାଙ୍କୁ ଅଗ୍ରିମ ଆକାରରେ ୩ଶହ ଟଙ୍କା ମଧ୍ୟ ଦେଇଥିଲେ। ବାକି କାମ ପାଇଁ ଯାହା ଟଙ୍କା ଲାଗିବ ଦେବା ପାଇଁ କହିଥିଲେ। ସନ୍ଧ୍ୟାରେ ନିଶାଗ୍ରସ୍ତ ଅବସ୍ଥାରେ ପପୁ ପହଞ୍ଚି କ'ଣ ପାଇଁ ଗାଡ଼ି ଭିତରକୁ ଛାଡ଼ିଲ ବୋଲି କହି ଉକ୍ତ ରାସ୍ତାକୁ ଶାବଳରେ ତାଡ଼ିଥିଲେ। ଏହାକୁ ବସ୍ତିର ତପନ କୁମାର ସାମଲ ବିରୋଧ କରିବାରୁ ତାଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଥିଲେ। ଏହା ଦେଖି ତପନଙ୍କ ମା'ସେଠାକୁ ଦୌଡ଼ିଆସି ତାଙ୍କୁ ବିରୋଧ କରିଥିଲେ। ହେଲେ ପପୁ ଏକ ପଥରରେ ତାଙ୍କ ମୁଣ୍ଡକୁ ମଧ୍ୟ ଛେଚି ଦେଇଥିଲେ। ଏହାପରେ ବସ୍ତିର ୬ଜଣ ବ୍ୟକ୍ତିଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ଆସବାବପତ୍ର ଫିଙ୍ଗାଫିଙ୍ଗି କରିଥିଲେ। ଏପରି କି ଘର ମାଲିକ ବିରୋଧ କରିବାରୁ ତାଙ୍କୁ ମାଡ଼ ମାରିଥିଲେ। ଏଭଳି ଭାବେ ପପୁ ପ୍ରାୟ ଏକ ଘଣ୍ଟା ଧରି ଆତଙ୍କ ଖେଳାଇଥିଲେ। ଏଥିଯୋଗୁ ବସ୍ତିବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି। ସେମାନେ ନିଜକୁ ସୁରକ୍ଷିତ ମଣୁ ନ ଥିବା କହିଛନ୍ତି। ପପୁ ପୂର୍ବରୁ ବସ୍ତିରେ ଲୋକଙ୍କୁ ମାର୍‌ପିଟ୍ କରିବା ସହ ଭଙ୍ଗାରୁଜା କରିଥିଲେ। ତେଣୁ ସିଆର୍‌ପିସି ୧୧୦ ଦଫା ଲଗାଇ ତାଙ୍କୁ ଗିରଫ କରି ଜେଲ ପଠାଇବା ପାଇଁ ବସ୍ତି ବାସିନ୍ଦା ଡିସିପିଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷେ ଅଭିଯୁକ୍ତଙ୍କ ଆକ୍ରମଣ ବେଳେ ଲୋକେ ତାଙ୍କୁ ଅଟକାଇବାକୁ ଯାଇ ମାଡ଼ ମାରିଥିଲେ। ତେଣୁ ବସ୍ତି ଲୋକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି।



ଫିଙ୍ଗାଯାଇଥିବା ଘରର ଜିନିଷପତ୍ର।



କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ୧୦ମ ଆନନ୍ଦ ଉତ୍ସବରେ ଶିଳ୍ପୀଙ୍କ ନୃତ୍ୟ ପରିବେଷଣ।

■ ରାଜ୍ୟ ଗୃହରକ୍ଷୀ ମହାସଂଘର ନିଷ୍ପତ୍ତି

# ଦାବି ପୂରଣ ନ ହେଲେ ନିର୍ବାଚନ କାର୍ଯ୍ୟ ବର୍ଜନ

ଭୁବନେଶ୍ୱର,୫।୪(ବ୍ୟୁରୋ)

ଦାବି ପୂରଣ ନ ହେଲେ ନିର୍ବାଚନୀ କାର୍ଯ୍ୟରେ ରାଜ୍ୟ ଗୃହରକ୍ଷୀମାନେ ଯୋଗ ଦେବେ ନାହିଁ। ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ଗୃହରକ୍ଷୀ ମହାସଂଘ ପକ୍ଷରୁ ଏହା କୁହାଯାଇଛି। ନିର୍ବାଚନ କାର୍ଯ୍ୟରେ ଗୃହରକ୍ଷୀମାନଙ୍କୁ ନିୟୋଜିତ କରିବା ପାଇଁ ସରକାର ଦେଇଥିବା ନିର୍ଦ୍ଦେଶ ପରେ ରାଜ୍ୟ ଗୃହରକ୍ଷୀ ମହାସଂଘର ରାଜ୍ୟ ସଭାପତି ଉପେନ୍ଦ୍ର ମହାପାତ୍ର କହିଛନ୍ତି ଯେ, ରାଜ୍ୟ ସରକାର ସେମାନଙ୍କ ଦାବିକୁ ବାରମ୍ବାର ଅଣଦେଖା କରୁଛନ୍ତି। ସରକାରଙ୍କ ଏହି ବୈମାତୃକ ମନୋଭାବ ଲାଗି ଗୃହରକ୍ଷୀମାନେ ନିର୍ବାଚନ କାର୍ଯ୍ୟ ବର୍ଜନ କରିବା ନିଷ୍ପତ୍ତି ନେଇଛନ୍ତି। ଯେପର୍ଯ୍ୟନ୍ତ ଗୃହରକ୍ଷୀଙ୍କ ଦାବି ପ୍ରତି ସରକାର ଧ୍ୟାନ ନଦେଇଛନ୍ତି ଜଣେ ହେଲେ ବି ଗୃହରକ୍ଷୀ ନିର୍ବାଚନ କାର୍ଯ୍ୟରେ ଯୋଗ ଦେବେନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖ ଥାଉ କି, ରାଜ୍ୟରେ କାର୍ଯ୍ୟରତ ୧୭୬୭୫ ଗୃହରକ୍ଷୀ ଆଇନ୍ ଶୃଙ୍ଖଳାଠାରୁ ଆରମ୍ଭ କରି ନିର୍ବାଚନ କାର୍ଯ୍ୟରେ କାର୍ଯ୍ୟ କରୁଥିଲେ। କିନ୍ତୁ ଏଯାବତ୍ ସେମାନଙ୍କ ଦାବି ପ୍ରତି ସରକାର ଦୃଷ୍ଟି ଦେଉନାହାଁନ୍ତି। ଅନ୍ୟ ସମସ୍ତ କର୍ମଚାରୀଙ୍କ ପାଇଁ ସରକାର ଉନ୍ନତିମୂଳକ ପଦକ୍ଷେପ ନେଉଥିବା ବେଳେ ଗୃହରକ୍ଷୀମାନଙ୍କ କ୍ଷେତ୍ରରେ କିଛି ବି ପଦକ୍ଷେପ ନିଆଯାଉନାହିଁ। ଓଡ଼ିଶା ଗୃହରକ୍ଷୀ ଆଇନ୍ ନିୟମାବଳୀକୁ ସଂଶୋଧନ, ସମାନ କାମକୁ ସମାନ ଦରମା ଭାବେ ସର୍ବନିମ୍ନ ବେତନ ଓ ଚାକିରୀ ସର୍ତ୍ତାବଳୀ ପ୍ରଦାନ ପରି ଦାବି ନେଇ ସରକାର ବିଚାର କଲେ ଆମେ ନିର୍ବାଚନ କାର୍ଯ୍ୟ କରିବୁ ନଚେତ୍ ସମ୍ପୂର୍ଣ୍ଣ ଭାବେ ଏହାକୁ ବର୍ଜନ କରିବୁ ବୋଲି ଗୃହରକ୍ଷୀମାନେ କହିଛନ୍ତି।

# ଡିଏନ୍ ରେଗାଲିଆରେ ବିଶ୍ୱ ଅଟିଜମ ସଚେତନତା



ଭୁବନେଶ୍ୱର,୫।୪

ବିଶ୍ୱ ଅଟିଜମ ସଚେତନତା ଦିବସ ୨୦୧୯ ଅବସରରେ ସ୍ଥାନୀୟ ପାତ୍ରପଡାସ୍ଥିତ ଡିଏନ୍ ରେଗାଲିଆ ମଲ୍‌ଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଟିଜମ୍ ଯୋଗୁ ଉପୁଜୁଥିବା ବିଭିନ୍ନ ସମସ୍ୟା ଏବଂ ଶିଶୁଙ୍କ ମଧ୍ୟରେ ମନୋରଞ୍ଜନର ଆବଶ୍ୟକତା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା। ଭୁବନେଶ୍ୱରର ଉଡ୍ ଆପଲ ସ୍କୁଲର ମିଳିତ ସହଯୋଗରେ ଏଭଳି ଏକ କାର୍ଯ୍ୟକ୍ରମ ମଲ୍ ପକ୍ଷରୁ ଗ୍ରହଣ କରାଯାଇଛି। ଏହି ଅବସରରେ ଏକ ୩ଡି ହିନ୍ଦୀ ସିନେମା 'ଦମ୍‌ବୋ' ପ୍ରଦର୍ଶନ କରାଯାଇଥିଲା। ଏଭଳି ଏକ ପଦକ୍ଷେପ ଗ୍ରହଣ କରି ଅତ୍ୟନ୍ତ ଖୁସି ବୋଲି ଡିଏନ୍ ରେଗାଲିଆ ପକ୍ଷରୁ ମିନତି ନାୟକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଉଡ୍ ଆପଲ ସ୍କୁଲର ଶାନ୍ତା ବଲିୟାର ସିଂ ଏବଂ ରୀତା ବଲିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଦାଦାବଟି ପାଇଁ ମାଡ଼ମାରି ଘର ଭାଙ୍ଗିଲେ

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁନି ପୋଲିସ

ଭୁବନେଶ୍ୱର, ୫।୪(ବ୍ୟୁରୋ)

ଦାଦାବଟି ପାଇଁ ଚନ୍ଦ୍ରଶେଖରପୁର ଥାନା ଅଧୀନ ସୀତାନାଥ ବସ୍ତିରେ ରହୁଥିବା ଗୋଟିଏ ପରିବାର ସଦସ୍ୟଙ୍କୁ ଗୁରୁବାର ସନ୍ଧ୍ୟାରେ ମାଡ଼ ମରାଯିବା ସହ ଘର ଭଙ୍ଗାରୁଜା କରାଯାଇଛି। ୪ମାସ ତଳେ ସମାନ ଘଟଣାରେ ସମ୍ପୃକ୍ତ ପରିବାର ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ଥାନାରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ଚୁପ୍ ବସିଛି।

ସୂଚନା ଅନୁଯାୟୀ, ସୀତାନାଥ ନଗରରେ ରୋଜାଲିନ ବେହେରା ନିଜ ପରିବାର ସହ ରହନ୍ତି। ତାଙ୍କ ଶ୍ୱଶୁର ୧୨୩୮ ନମ୍ବର ପ୍ଲଟରେ ଏକ ଘର କରିଥିଲେ। ସ୍ୱାମୀ ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିବାବେଳେ ସ୍ୱାମୀ ପରିତ୍ୟକ୍ତା ନଣନ୍ଦ ତାଙ୍କ ସହ ୪ ବର୍ଷ ହେବ ରହୁଛନ୍ତି। ଶ୍ୱଶୁରଙ୍କ ମୃତ୍ୟୁ ପରେ ପରିବାର ବଢିବାରୁ ଘରକଡରେ ଥିବା ସରକାରୀ ଜମିରେ ଏକ ଟିଣ ଘର କରି ୫ବର୍ଷ ହେବ ରହୁଛନ୍ତି। ୪ମାସ ହେବ ତାଙ୍କୁ କିଛି ଯୁବକ ସରକାରୀ ଜଙ୍ଗଲ ଜମିରେ ଘର କରିବା ନେଇ ୧ଲକ୍ଷ ଟଙ୍କା ଦାଦାବଟି ମାଗୁଛନ୍ତି। ଏ ନେଇ ସେମାନେ ୪ ମାସ ତଳେ ତାଙ୍କ ଘରକୁ ଭଙ୍ଗାରୁଜା କରିଥିଲେ। ସେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କିଛି ପଦକ୍ଷେପ ନେଲାନାହିଁ। ଗୁରୁବାର ରାତିରେ ପୁଣି ସମ୍ପୃକ୍ତ ଯୁବକମାନେ ତାଙ୍କ ଘର ଭାଙ୍ଗିବା ସହ ପରିବାର ଲୋକଙ୍କୁ ମାଡ ମାରିଛନ୍ତି। ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ନ୍ୟାୟ ଦେବାକୁ ସେ ଗଣମାଧ୍ୟମ ଆଗରେ ନିବେଦନ ଜଣାଇଛନ୍ତି। ଏ ନେଇ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ପଚାରିବାରେ କହିଛନ୍ତି, ନୂତନ ଭାବେ ସେ ଥାନାରେ ଯୋଗଦେଇଥିବାରୁ ବିଗତ ଦିନର ଘଟଣା ବିଷୟରେ ଜାଣିନାହାନ୍ତି। ତେବେ ଗୁରୁବାର ହୋଇଥିବା ଅଭିଯୋଗ ଉପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

### ପାସପୋର୍ଟରେ ଭୁଲ୍ ଠିକଣା ଦେଇ ଯୁବକ ଅଟକ

ପୁରୁଣା ଭୁବନେଶ୍ୱର,୫।୪(ଡି.ଏନ୍.ଏ.)

ଜଣେ ବାଂଲାଦେଶୀ ଯୁବକ ଭାରତୀୟ ନାଗରିକ ଭାବେ ନିଜକୁ ପାସପୋର୍ଟରେ ପରିଚୟ ଦେଇ ଶୁକ୍ରବାର ସନ୍ଧ୍ୟାରେ ଏୟାରପୋର୍ଟରୁ ଖସିଯିବାକୁ ବସିଥିବାବେଳେ ଇମିଗ୍ରେସନ କର୍ତ୍ତୃପକ୍ଷ ତାଙ୍କୁ ଧରି ଏୟାରପୋର୍ଟ ଥାନାରେ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ଯୁବକଜଣକ ବାଂଲାଦେଶୀ ହୋଇଥିବା ବେଳେ ସେ ଭାରତୀୟ ନାଗରିକଭାବେ ନକଲି ପାସପୋର୍ଟ ବାହାର କରିଥିଲେ। ସେଥିରେ ନିଜକୁ ବିଶ୍ୱନାଥ ମଣ୍ଡଳ ବୋଲି ପରିଚୟ ଦେଇଥିଲେ। ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ବିମାନରେ ଓହ୍ଲାଇ ଖସିଯାଉଥିବା ବେଳେ ଇମିଗ୍ରେସନର ଟିମ୍ ତାଙ୍କୁ ଯାଞ୍ଚ କରିଥିଲେ। ତାଙ୍କ ପାସପୋର୍ଟ ଅନଲାଇନରେ ଚେକିଂ କଲାବେଳେ ପାସୱାର୍ଡ ଲୋକାଲ ବାଂଲାଦେଶୀ ଭାଷାରେ ସୂଚାଇ ଦେଇଥିଲା। ପରେ ତାଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କ ବ୍ୟାଗରୁ ନକଲି ଦସ୍ତଖତ ଥିବା ବାରମ୍ବାର ଅଭ୍ୟସ୍ତ ହୋଇଥିବା ଏକ ଡାଏରି ପୋଲିସ ପାଇଥିଲା। ଏୟାରପୋର୍ଟ ଥାନା ପୋଲିସ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିବା ସମୟରେ ସେ ଏକ କର୍ମନିଯୁକ୍ତି ପାଇଁ ଭାରତ ଆସିଥିବା କହିଥିଲେ।

### ଚୋରି ମୋ' ସାଇକେଲ ଜବତ: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୫।୪(ବ୍ୟୁରୋ)–**'ମୋ ସାଇକେଲ' ଚୋରି ଅଭିଯୋଗରେ ଶୁକ୍ରବାର ନୟାପଲ୍ଲୀ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସାଲିଆସାହିର ଚନ୍ଦନ ସେଠୀ (୧୯)। ତାଙ୍କ ନିକଟରୁ ସାଇକେଲ ଜବତ ହୋଇଛି। ସୂଚନା ଅନୁଯାୟୀ, ସ୍ମାର୍ଟ ସିଟି ଅଫିସ ଅଧିକାରୀ ଅଭିଶେଖ ଦମ୍ଭଲ ଗୁରୁବାର ଏକ ସାଇକେଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ. ୧୭୩/୧୯) ରୁଜୁ କରି ତଦନ୍ତ ଚଳାଇଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଖୋଲିବ ଇଣ୍ଟରପ୍ରିନିୟୋର୍‌ଶିପ ହବ୍

ଭୁବନେଶ୍ୱର,୫।୪(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ବିଜ୍‌ନେସ ଆଡମିନିଷ୍ଟ୍ରେଶନ ଡିପାର୍ଟମେଣ୍ଟର ବାର୍ଷିକ ଉତ୍ସବ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଅଧ୍ୟକ୍ଷ ଡ. ବ୍ରହ୍ମାନନ୍ଦ ଶତପଥୀ, ଡିପାର୍ଟମେଣ୍ଟ ଅଫ୍ ବିଜ୍‌ନେସ ଆଡମିନିଷ୍ଟ୍ରେଶନର ବିଭାଗ ମୁଖ୍ୟ ଡ. ଏସ୍.ଏସ୍. ଦେବାଶିଷ ଓ କୋର୍ସ କୋଅର୍ଡିନେଟର୍ ଡ. ବିଧୁଭୂଷଣ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟଅତିଥି ପ୍ରଫେସର ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ନିଜ ଦକ୍ଷତା ଉପରେ ବିଶ୍ୱାସ ରଖି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଆତ୍ମବିଶ୍ୱାସ ଥିଲେ ଜଣେ ଦିନେ ନା ଦିନେ ସଫଳ ହେବ ବୋଲି ସେ କହିଥିଲେ। ତେବେ ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟ ପରିସରରେ ଏକ ଇଣ୍ଟରପ୍ରିନିୟୋର୍‌ଶିପ ହବ୍ ବା ଉଦ୍ୟୋଗୀ ହବ୍ ପ୍ରତିଷ୍ଠା କରାଯିବ ବୋଲି କୁଳପତି ଏହି ଅବସରରେ କହିଥିଲେ। ଏହି ହବ୍ ଖୋଲାଯିବା ଦ୍ୱାରା ଭବିଷ୍ୟତରେ ଉଦ୍ୟୋଗୀ ହେବାକୁ ଆଗ୍ରହ ରଖିଥିବା ଛାତ୍ରୀଛାତ୍ର ଏଠାରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇପାରିବେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତୀକ୍ଷା ପଣ୍ଡା ଓ ଶିବାନୀ ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ରତ୍ନପର୍ଣ୍ଣା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନୃତ୍ୟ, ଗୀତ କାର୍ଯ୍ୟକ୍ରମ ସହ ପାର୍ଟି ଥିମ୍‌କୁ ନେଇ ଆୟୋଜିତ ଫ୍ୟାଶନ ଶୋ' ମୁଖ୍ୟ ଆକର୍ଷଣ ସାଜିଥିଲା।

# ଓୟୁଏଟି କୁଳପତିଙ୍କ ଭେଟେରିନାରି କଲେଜ ପରିଦର୍ଶନ

ଭୁବନେଶ୍ୱର,୫।୪(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଶୁକ୍ରବାର ଭେଟେରିନାରି କଲେଜ ପରିଦର୍ଶନ କରିବା ସହିତ ବିଭିନ୍ନ ବିଷୟରେ ସମୀକ୍ଷା କରିଛନ୍ତି। ପ୍ରଫେସର ପଟ୍ଟନାୟକ କୁଳପତି ଭାବେ ଦାୟିତ୍ୱ ନେବା ପରେ ଏହା ପ୍ରଥମ ସମୀକ୍ଷା। ଶିକ୍ଷାଦାନ, ବିଭିନ୍ନ ଗବେଷଣାର ଅଗ୍ରଗତି, ଗବେଷଣା କ୍ଷେତ୍ରରେ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କର ରହିଥିବା ସମସ୍ୟା ଓ ତା'ର ସମାଧାନ ନେଇ କୁଳପତି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରଫେସରମାନଙ୍କ ଗବେଷଣାରତ ନିବନ୍ଧଗୁଡ଼ିକର ସମୀକ୍ଷା କରି ସନ୍ତୋଷ ବ୍ୟକ୍ତ କରିଥିଲେ। ସମୀକ୍ଷା ସମୟରେ ଭେଟେରିନାରି କଲେଜ ଡିନ୍ ପ୍ରଫେସର ଲକ୍ଷ୍ମଣ କୁମାର ସାହୁ ଓ ସମ୍ପ୍ରସାରଣ ବିଭାଗ ଡିନ୍ ପ୍ରଫେସର ପ୍ରଭାତ କୁମାର ରାଉଳ ଉପସ୍ଥିତ ଥିଲେ।

# ଭଗବାନପୁରରେ ନିଆରା କଣ୍ଢେଇ ମେଳଣ

ପାତ୍ରପଡା/ଝାଁଳା,୫।୪(ଡି.ଏନ.ଏ.)

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମରେ ପରମ୍ପରା ଅନୁଯାୟୀ ଶୁକ୍ରବାର ଚୈତ୍ରମାସ ମଧୁ ଅମାବାସ୍ୟା ତିଥିରୁ କଣ୍ଢେଇ ମେଳଣର ଜମାଣ ଉତ୍ସବ ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଅନୁଷ୍ଠିତ ହେବ। ଦୋଳ ମେଳଣ ଭଳି ୩୫ଟି ସୁସଜ୍ଜିତ ବିମାନରେ କଣ୍ଢେଇ ସବୁ ରଖି ଛୋଟ ପିଲାମାନେ କାନ୍ଧେଇ ଗାଁ ପରିକ୍ରମା କରିଥିଲେ। ଏଥିସହ ପ୍ରତି ଘରେ ପରମ୍ପରା ଅନୁଯାୟୀ ଚାଟେରି ଭୋଗ ଲାଗି ହୋଇଥିଲା। ଗାଁର ମା' ଛୋଟି ଭୁଆସୁଣୀ ମନ୍ଦିର ସଂଲଗ୍ନ ମେଳଣ ପଡ଼ିଆରେ ଏହା ଆୟୋଜିତ ହେଉଛି। ମେଳଣ ପୂର୍ବରୁ ଗାଁର ପିଲାମାନେ ୨ରୁ ୫ ଫୁଟ ଉଚ୍ଚତା ବିଶିଷ୍ଟ କାଠ, କାଗଜ, କପଡା ଓ ଅଠାରେ ତିଆରି କରିଥାନ୍ତି ବିମାନ। ବିମାନରେ ବିଭିନ୍ନ ପ୍ରକାର ଖେଳଣା, ପ୍ଲାଷ୍ଟିକ ଓ ମାଟି କଣ୍ଢେଇ ରଖି ମେଳଣ ପଡ଼ିଆକୁ ଆଣିଥିଲେ। ବାଜା, ବାଣ ରୋଶଣି, ଘୋଡ଼ାନାଚ, ସଂକୀର୍ତ୍ତନ ଓ ଅବିର ଖେଳରେ ଧାଡ଼ିବାନ୍ଧି ଏହି ବିମାନଗୁଡ଼ିକ ମେଳଣ ପଡ଼ିଆକୁ ଆସିଥିଲେ। ୩ ଦିନ ଧରି ଅନୁଷ୍ଠିତ ଏହି ମେଳଣରେ ଅପେରା, ଭଜନ, ସଂକୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଛୋଟ ପିଲାଙ୍କ ମନରେ ଭକ୍ତି ଭାବନାରୁ ଏହା ପରମ୍ପରା ରୂପ ନେଇଥିବା କୁହାଯାଉଛି। ପିଲାଙ୍କ ମଧ୍ୟରେ ସୀମାବଦ୍ଧ ଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମ ସହ ଜଡ଼ିତ ମେଳଣରେ କେବଳ ଭଗବାନପୁର ଗାଁ ନୁହେଁ, ରାଜଧାନୀ ଉପକଣ୍ଠ ଏକ ନିଆରା ପରମ୍ପରା ଭାବେ ପରିଚିତ ଲାଭ କରିଛି।



କଣ୍ଢେଇ ମେଳଣରେ ସାମିଲ ହୋଇଥିବା ସୁସଜ୍ଜିତ ବିମାନ।

■ ରାସ୍ତାକାମରେ ଅନିୟମିତତା ନେଇ ଉତ୍ତେଜନା

# ଗ୍ରାମବାସୀଙ୍କ ୭ ସର୍ତ୍ତ ମାନିଲେ ଠିକାଦାର

ପୁରୁଣା ଭୁବନେଶ୍ୱର, ୫। ୪(ଡି.ଏନ.ଏ.)

ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବାବେଳେ ବିଭିନ୍ନ ଅଞ୍ଚଳରେ ମଧ୍ୟ ଠିକାଦାରମାନେ କାର୍ଯ୍ୟ କରୁଥିବାର ଦେଖାଦେଇଛି। ଯେଉଁଥିରେ ତରବରିଆ ଭାବେ ଅନିୟମିତତା ଥିବା ପରିଲକ୍ଷିତ ହେଉଛି। ଯେନତେନ ପ୍ରକାରରେ ଠିକାଦାର ବିଭାଗୀୟ ଅଧିକାରୀଙ୍କୁ ଧରି କାର୍ଯ୍ୟ ଶେଷ କରିବାକୁ ଚାହୁଁଛନ୍ତି। ପିପିଲି ବ୍ଲକ୍ ଉତ୍ତରାଫାଣ୍ଡି ଅଧୀନ ବିଲିପଡ଼ା ଗ୍ରାମ ରାସ୍ତା ପ୍ରଶସ୍ତୀକରଣ ହେବା ସହ ନୂତନ ପିଚୁ ରାସ୍ତା କାର୍ଯ୍ୟ ହେଉଛି। ୧୫ଦିନ ପୂର୍ବରୁ ହେଉଥିବା ଏହି କାର୍ଯ୍ୟରେ ଠିକାଦାର ବିଭିନ୍ନ ଦିଗ ପ୍ରତି ଅବହେଳା କରିଥିବା ନେଇ ଗ୍ରାମବାସୀ ଦେଖିବାକୁ ପାଇଥିଲେ। କାର୍ଯ୍ୟସ୍ଥଳରେ ପହଞ୍ଚି କାମ ବନ୍ଦ କରିବା ସହ ଠିକାଦାରଙ୍କୁ କାର୍ଯ୍ୟର ବିବରଣୀ ମାଗିଥିଲେ। ସୂଚନା ମୁତାବକ, ରାସ୍ତାର କେନାଲ ପାର୍ଶ୍ୱକୁ ଅଢେଇ ଫୁଟ ଖୋଳାଯାଇ ଓସାର କରାଯାଉଥିଲା ଯାହାକୁ ଗ୍ରାମବାସୀ ବିରୋଧ କରିଥିଲେ ଓ ବନ୍ଧର ଉଭୟପାର୍ଶ୍ୱ ବଢାଇବାକୁ କହିଥିଲେ। ସେହିଭଳି



## ସୂଚନାଫଳକ ଲଗାଇବା ପାଇଁ ଗ୍ରାମବାସୀଙ୍କ ଦାବି

ପୁରୁଣା ଏବଂ ଧଳା ମେଟାଲ ବ୍ୟବହାର ନ କରିବାକୁ କହିଥିଲେ ଏବଂ ରାସ୍ତାକୁ ମେଶିନ ପିଚୁ କରିବାକୁ ଦାବି କରିଥିଲେ। ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ହୋଇଥିବା ପୂର୍ତ୍ତ ବିଭାଗର ଏହି କାର୍ଯ୍ୟର ସୂଚନା ଫଳକ ଲଗାଇବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ପ୍ରାୟ ୭ଟି ଦାବି ସହ ଭଲ କାର୍ଯ୍ୟ ପାଇଁ ଗ୍ରାମବାସୀଙ୍କ କଥାରେ ଠିକାଦାର ରାଜି ହେବା ପରେ କାମ ଆରମ୍ଭ ହୋଇଥିଲା। ଏ ନେଇ ସ୍ଥାନୀୟ ବାସିନ୍ଦା ତଥା ସିପିଆଇଏମ୍‌ର ନେତା ସର୍ବେଶ୍ୱର ଭାରତୀ କହିଛନ୍ତି, କାମରେ ଅନିୟମିତତା ଦେଖି ଆମ୍ଭେ ବିରୋଧ କରିଥିଲୁ। ଠିକାଦାର ଆମର ୭ଟି ଦାବିରେ ରାଜିହେବାରୁ କାର୍ଯ୍ୟ ଆରମ୍ଭ ହୋଇଛି। ଯଦି ଏଥିରେ ବ୍ୟତିକ୍ରମ ଦେଖାଯାଏ ତାହା ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ଶ୍ରୀନଗର କେନ୍ଦ୍ରୀୟ ଜେଲ୍‌ର ଅନ୍ତେବାସୀ ଏବଂ କର୍ମଚାରୀଙ୍କ ମଧ୍ୟରେ ସଂଘର୍ଷ ଘଟି ୨ କଏଦୀ ଆହତ ହୋଇଛନ୍ତି। ଅନ୍ତେବାସୀମାନେ ଜେଲ ପରିସରରେ ପୋଡାଜଳା କରିଛନ୍ତି। ମରାମତି ଲାଗି ଅନ୍ତେବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତରକୁ ବିରୋଧ କରି ସଂଘର୍ଷ ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ସେଠାରେ ପୋଲିସ ଏବଂ ସିଆର୍‌ପିଏଫ୍ ଯବାନଙ୍କୁ ମୁତୟନ କରାଯାଇଛି।






## ସଂକ୍ଷେପରେ

### ୭ରେ ଭାଜପାର ନିର୍ବାଚନୀ ଇସ୍ତାହାର

**ଭୁବନେଶ୍ୱର,୫।୪(ବ୍ୟୁରୋ):** ରାଜ୍ୟରେ ନିର୍ବାଚନୀ ପ୍ରଚାର ଜୋର୍ ଧରିଛି। ଏହା ଭିତରେ ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ନିର୍ବାଚନୀ ଇସ୍ତାହାର ଉପରେ ସଭିଙ୍କ ନଜର ରହିଛି। କେଉଁ ଦଳ କ'ଣ ସବୁ ଇସ୍ତାହାର ଜରିଆରେ ପ୍ରକାଶ କରିବେ ତାକୁ ନେଇ ସାଧାରଣରେ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ତେବେ ଆସନ୍ତା ୭ତାରିଖରେ ଭାଜପା ନିଜର ଇସ୍ତାହାର ପ୍ରକାଶ କରିବ ବୋଲି ଜଣାପଡିଛି। ସେହିଦିନ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ନିର୍ବାଚନୀ ଇସ୍ତାହାର ଏବଂ ସଂକଳ୍ପ ପତ୍ରକୁ ଜାରି କରିବେ ବୋଲି ସୂଚନା ମିଳିଛି। ବିଜେଡି ଓ କଂଗ୍ରେସ ମଧ୍ୟ ନିର୍ବାଚନୀ ଇସ୍ତାହାର ପ୍ରକାଶ କରିବା ପାଇଁ ଜୋର୍‌ଦାର ଉଦ୍ୟମ କରୁଛନ୍ତି।

### ରାଜନୈତିକ ହତ୍ୟାକାଣ୍ଡ ଅଭିଯୋଗ

**ବଲାଙ୍ଗୀର ଅଫିସ, ୫।୪:** ବଲାଙ୍ଗୀର ଜିଲାର ଭାଜପା ନେତା ତଥା ବଙ୍ଗୋମୁଣ୍ଡା ବ୍ଲକ୍‌ର ପୂର୍ବତନ ଉପାଧ୍ୟକ୍ଷ ରାଷ୍ଟ୍ରପତି ବେହେରା ଓ ଅନ୍ୟଜଣେ ସହଯୋଗୀଙ୍କ ମୃତ୍ୟୁ ଘଟିଛି। ପ୍ରଥମରୁ ଏହାକୁ ଦୁର୍ଘଟଣାଜନିତ ମୃତ୍ୟୁ କୁହାଯାଉଥିଲେ ମଧ୍ୟ ବେହେରାଙ୍କ ପୁତୁରା ସୁରେଶ ବେହେରା ଏହାକୁ ଯୋଜନାବଦ୍ଧ ଷଡଯନ୍ତ୍ର ଓ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ସୁରେଶ କହିଛନ୍ତି, ରାଷ୍ଟ୍ରପତି ତାଙ୍କ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ଯୋଗଦାନ କରିବା ପାଇଁ ଗୁରୁବାର ଭୁବନେଶ୍ୱର ନବୀନ ନିବାସ ଅଭିମୁଖେ ଯାଉଥିଲେ। ସୁବର୍ଣ୍ଣପୁର ଜିଲା ସିଆଲଜୁରି ନିକଟ ଏକ ଢ଼ାବାରେ ଖାଇ ସାରିବା ପରେ ତାଙ୍କ କାର ୫୭ ନମ୍ବର ଜାତୀୟ ରାଜପଥକୁ ଉଠିବା ପରେ ସାମ୍ନାପଟରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରିପର ଉକ୍ତ କାରକୁ ଧକ୍କା ଦେଇଥିଲା। ଯେଭଳି ଭାବେ ଦୁର୍ଘଟଣା ଘଟିଲା ସେଥିରୁ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସୁରେଶ ଅଭିଯୋଗ କରିଛନ୍ତି। ଚଳିତ ନିର୍ବାଚନରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଭାଜପାର ବିଧାୟକ ଆଶାୟୀ ପ୍ରାର୍ଥୀ ଭାବେ ରାଷ୍ଟ୍ରପତି ଥିଲେ। ଦଳୀୟ ଟିକେଟରୁ ବଞ୍ଚିତ ହେବା ପରେ ଗୁରୁବାର ରାତିରେ ସେ ସମର୍ଥକଙ୍କ ସହ ବିଜେଡିରେ ଯୋଗଦାନ କରିବାକୁ ଭୁବନେଶ୍ୱର ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିବାରୁ ଏହା ରାଜନୈତିକ ହତ୍ୟାକାଣ୍ଡ ବୋଲି ସନ୍ଦେହ ହେଉଥିବା ସେ କହିଛନ୍ତି।

### ଟ୍ରାକ୍ଟର-ସ୍କୁଟି ଧକ୍କା ଜଣେ ମୃତ, ୨ ଗୁରୁତର

**ଗୁଡଭେଲିପଦର, ୫।୪ (ଡି.ଏନ.ଏ.):** ବୌଦ୍ଧ ଜିଲା ମନମୁଣ୍ଡା ଶଗଡା ରାସ୍ତାର ଉଛବାହାଲି ବୁଲାଣିରେ ଶୁକ୍ରବାର ଟ୍ରାକ୍ଟର ଓ ସ୍କୁଟି ମଧ୍ୟରେ ଧକ୍କା ହୋଇଛି। ଘଟଣା ସ୍ଥଳରେ ଶ୍ରମିକ ଗଜିନ୍ଦ୍ର ଦେହୁରୀଙ୍କ ମୃତ୍ୟୁ ହୋଇଛି। ଏଥିରେ ସ୍କୁଟି ଆରୋହୀ ସତ୍ୟବାଦୀ ମହାପାତ୍ର (୨୬), ବୁଲୁ ମହାକୁଡ (୨୩) ଗୁରୁତର ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ମନମୁଣ୍ଡା ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।

### ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ହେଲାଣି ୫୪ ପ୍ରାର୍ଥିପତ୍ର ଦାଖଲ

**ଭୁବନେଶ୍ୱର, ୫।୪(ବ୍ୟୁରୋ):** ରାଜ୍ୟରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ସକାଶେ ଶୁକ୍ରବାର ବିଧାନସଭା ଆସନ ପାଇଁ ୧୭ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଲୋକ ସଭା ଆସନ ପାଇଁ ୨ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଚତୁର୍ଥ ପର୍ଯ୍ୟାୟରେ ଏ ପର୍ଯ୍ୟନ୍ତ ୪୨ଟି ଧାନସଭା ଆସନ ପାଇଁ ମୋଟ ୪୯ ଜଣ ଓ ୬ଟି ଲୋକ ସଭା ଆସନରେ ମୋଟ ୫ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ରାଜ୍ୟରେ ଫ୍ଲାଇଂ ସ୍କାଡ୍ ଏବଂ ପୋଲିସ ଦ୍ୱାରା ଏ ପର୍ଯ୍ୟନ୍ତ ୧ କୋଟି ୯୬ ଲକ୍ଷ ୮୧ ହଜାର ୨୦୦ ଟଙ୍କା ଜବତ କରାଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୭୯୫୬ ଟି ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି। ସିଆର୍‌ପିସିର ଧାରା ୧୦୭/୧୧୬ ଅନୁଯାୟୀ ୪୧୦୩୯ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସପ୍ରାପ୍ତ ୪୨୪୫ ଗୋଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନଠାରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୧୯୮ଟି ଅସ୍ତ୍ରଶସ୍ତ୍ର ଏବଂ ୧୨୩୦.୦୩୦ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏ ପର୍ଯ୍ୟନ୍ତ ଚଢ଼ାଉ କରାଯାଇ ୧,୦୨,୭୧୮.୬୨ ଲିଟର ମଦ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୩ କୋଟି ୧୬ ଲକ୍ଷ ୯୭ ହଜାର ୩୬୯ ଟଙ୍କା ହେବ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୨୭ ଲକ୍ଷ ୫୫ ହଜାର ୬୧୦ ହୋର୍ଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ଥାନଗୁଡିକରେ ବେଆଇନ ଭାବେ ଲାଗିଥିବା ୨ ଲକ୍ଷ ୪୧ ହଜାର ୯୬୭ ଟି ହୋର୍ଡିଂ ଓ ପୋଷ୍ଟରକୁ ମଧ୍ୟ କାଢ଼ିଦିଆଯାଇଛି।

# 'ସରକାର ଗଢ଼ିବାର ପ୍ରଥମ ଦିନ ମିଳିବ କାଳିଆ ଟଙ୍କା'

କୋରାପୁଟ/ଜୟପୁର,୫।୪
(ସ୍ୱ.ପ୍ର./ଡି.ଏନ୍.ଏ./ନି.ପ୍ର.)




କୋରାପୁଟର ଡୁମୁରୀପୁଟ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ଥାନୀୟ ନେତାମାନେ ସ୍ୱାଗତ କରୁଛନ୍ତି।

**ଅବିଭକ୍ତ କୋରାପୁଟରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର**

- ବିଜେଡି ଇସ୍ତାହାରରେ ଚାଷୀଙ୍କୁ ପ୍ରାଥମିକତା
- କେନ୍ଦ୍ର ଉପରେ ବର୍ଷିଲେ ନବୀନ
- କେବିକେ, ଛାତ୍ରବୃତ୍ତି ଯୋଜନା ବନ୍ଦ କରିଛି କେନ୍ଦ୍ର

ବିଜେଡି ସରକାର ଗଢ଼ିଲେ ପ୍ରଥମ ଦିନରେ ହିତାଧିକାରୀଙ୍କୁ କାଳିଆ ଯୋଜନାର ଅର୍ଥ ପ୍ରଦାନ କରିବ। ବାକି ଥିବା ୨୫ ଲକ୍ଷ ଚାଷୀ କାଳିଆ ଯୋଜନାର ଅର୍ଥ ୨ଟି କିସ୍ତିରେ ପାଇବେ। ଅବିଭକ୍ତ କୋରାପୁଟ ମାଟିରେ ନିର୍ବାଚନୀ ପ୍ରଚାର ବେଳେ ଏଭଳି ପ୍ରତିଶ୍ରୁତି ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶୁକ୍ରବାର ମୁଖ୍ୟମନ୍ତ୍ରୀ କୋରାପୁଟ ଓ ମାଲକାନଗିରି ଜିଲାରେ ମାରାଥନ୍ ପ୍ରଚାର କରିଛନ୍ତି। ଜୟପୁର ମାଟିରୁ ବିଜେଡି ଇସ୍ତାହାରର ସାମାନ୍ୟ ପ୍ରାକ୍ ସୂଚନା ଦେଇ ନବୀନ କହିଛନ୍ତି, ଇସ୍ତାହାରରେ କୃଷକ କଲ୍ୟାଣକୁ ଆମେ ସର୍ବାଗ୍ରେ ରଖିଛୁ। କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ଲାଭ ପାଇଲେଣି। ଆଗକୁ ମଧ୍ୟ ବଳକା ଚାଷୀ ଲାଭ ପାଇବେ। କେହି ଜଣେ ମଧ୍ୟ ଏଥିରୁ ବଞ୍ଚିତ ହେବେନାହିଁ ବୋଲି ସେ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ୍ କରିଛନ୍ତି।

ଶୁକ୍ରବାର ପୂର୍ବାହ୍ନରେ ପ୍ରଥମେ ମାଲକାନଗିରି ଜିଲାର କାଳିମେଳା ଓ ମାଥିଲିରେ ନିର୍ବାଚନୀ ସଭା କରିବା ପରେ ମୁଖ୍ୟମନ୍ତ୍ରୀ ଅପରାହ୍ନରେ କୋରାପୁଟ ଜିଲାର ପଟ୍ଟାଙ୍ଗି, ଦଶମନ୍ତପୁର, ଡୁମୁରିପୁଟ ଓ ଜୟପୁରରେ ପ୍ରଚାର ସଭା ଓ ରୋଡ୍ ଶୋ କରିଥିଲେ। ବିଭିନ୍ନ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ନବୀନ ପଟ୍ଟାନାୟକ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଓଡ଼ିଶାରେ ବିଗତ ଦିନରେ ଫାଇଲିନ ଓ ହୁଦ୍‌ହୁଦ୍ ଭଳି ବନ୍ୟା ବାତ୍ୟା ବେଳେ କେନ୍ଦ୍ରର କୌଣସି ନେତା ଏଠାରେ ପହଞ୍ଚି ନଥିବା ବେଳେ ଏବେ ନିର୍ବାଚନ ପାଇଁ କେନ୍ଦ୍ରମନ୍ତ୍ରୀମାନେ ଓଡ଼ିଶା ଲୋକଙ୍କ ପାଖକୁ ଆସୁଛନ୍ତି। ପୋଲାଭରମ ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରିଛନ୍ତି କେନ୍ଦ୍ର ସରକାର। କେବିକେ ଯୋଜନା ଓ ଅନୁସୂଚିତ ଜାତି, ଜନଜାତି ପିଲାଙ୍କ ଛାତ୍ରବୃତ୍ତି ବନ୍ଦ କରି ସ୍ଥାନୀୟ ବିକାଶରେ ବାଧକ ସାଜିଥିବା ଭାଜପାକୁ ଲୋକେ ଗ୍ରହଣ କରିବେ ନାହିଁ। ଜଳସେଚନ ପାଇଁ ଓଡ଼ିଶା ଖର୍ଚ୍ଚ କରିଛି ୨୦ ହଜାର କୋଟି। କେନ୍ଦ୍ର ଦେଇଛି ମାତ୍ର ୨୫୦ କୋଟି। ଏଥିରୁ ଆଦିବାସୀ ଓ ଚାଷୀଙ୍କ ପ୍ରତି କେନ୍ଦ୍ରର ଦରଦ କେତେ, ତାହା ଜଣାପଡୁଛି। ଚଳିତ ନିର୍ବାଚନରେ ଏହାର ଜବାବ ଦେବେ ଓଡ଼ିଶାବାସୀ। ସାଢ଼େ ଚାରିକୋଟି ଓଡ଼ିଶାବାସୀ ମୋର ପରିବାର। ମୁଁ ସବୁବେଳେ ଆପଣଙ୍କ ପାଖରେ ଅଛି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ। ଶଙ୍ଖ ଚିହ୍ନରେ ଭୋଟ୍ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଅବିଭକ୍ତ କୋରାପୁଟ ଜିଲାର ଜନତାଙ୍କୁ ନିବେଦନ କରି କହିଛନ୍ତି। ପଟ୍ଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀର ମାଳିଡୋଲିଆମ୍ବ, ଦଶମନ୍ତପୁର ସଦର, କୋରାପୁଟ ବ୍ଲକ ଡୁମୁରିପୁଟ ପଡ଼ିଆ ଓ ଜୟପୁର ଦଶହରା ପଡ଼ିଆରେ ନିର୍ବାଚନୀ ସଭା ଓ ରୋଡ୍ ଶୋ କରି ମୁଖ୍ୟମନ୍ତ୍ରୀ କୋରାପୁଟ ଲୋକ ସଭା, ପଟ୍ଟାଙ୍ଗି, ଲକ୍ଷ୍ମୀପୁର ଓ କୋରାପୁଟ ବିଧାନସଭା କ୍ଷେତ୍ରର ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ନିବେଦନ କରିଛନ୍ତି। ଏ ସମସ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, ବିଜେଡିର କୋରାପୁଟ ଲୋକ ସଭା ପ୍ରାର୍ଥୀ କୌଶଲ୍ୟା ହିକ୍‌କା ଓ କୋରାପୁଟ ବିଧାନସଭା ପ୍ରାର୍ଥୀ ରଘୁରାମ ପଡାଲ, ପଟ୍ଟାଙ୍ଗି ପ୍ରାର୍ଥୀ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁର ପ୍ରାର୍ଥୀ ପ୍ରଭୁ ଜାନି ଉପସ୍ଥିତ ଥିଲେ।

### ଆରଡବ୍ଲ୍ୟୁଏସ୍ ଆଣ୍ଡ ଏସ୍ ଡିଭିଜନରେ ଅନିୟମିତତା ଅଭିଯୋଗ

**ଭୁବନେଶ୍ୱର,୫।୪(ବ୍ୟୁରୋ):** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଆସୁଥିବା ଆର୍‌ଡବ୍ଲ୍ୟୁଏସ୍ ଆଣ୍ଡ ଏସ୍-(ମେକାନିକାଲ) ଡିଭିଜନରେ ବ୍ୟାପକ ଅର୍ଥ ହେରଫେର ହୋଇଥିବା ସଚିବାଳୟରେ ଚର୍ଚ୍ଚା ହେଉଛି। କିଛିଦିନ ତଳେ ଏମିତି କି ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବା ସମୟରେ ନକଲି ବିଲ୍ କରାଯାଇ ୭୫ ଲକ୍ଷ ଟଙ୍କାରେ ପ୍ରାୟ ୧ ଲକ୍ଷ ଲିଟର ଡିଜେଲ କିଣାଯାଇଥିବା ସରକାରୀ ନଥିପତ୍ରରେ ଦର୍ଶାଯାଇଛି। ଏତେ ପରିମାଣର ଡିଜେଲ୍ କେଉଁ କାର୍ଯ୍ୟରେ ବ୍ୟବହାର କରାଯିବ, ଏହା କେଉଁଠି ଗଚ୍ଛିତ ହୋଇ ରହିବ, ସେନେଇ କୌଣସି ସୂଚନା ନାହିଁ। ପଞ୍ଚାୟତିରାଜ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, କୌଣସି ମାସରେ ବି ଏତେ ପରିମାଣର ଡିଜେଲ୍ ଦରକାର ହୋଇ ନ ଥାଏ। ଭିନ୍ନ ଭିନ୍ନ ରିଗ୍ସ ଜରିଆରେ ଏହି ଡିଜେଲ କିଣାଯାଇ ସରକାରୀ ଅର୍ଥ ତୋଷରପାତ କରାଯାଇଥାଇପାରେ। ୧ ଲକ୍ଷ ଲିଟର ଡିଜେଲ କିଣାଯିବା ନିହାତି ଆଶ୍ଚର୍ଯ୍ୟଜନକ କଥା। ଏନେଇ ବିଭାଗ ନିକଟକୁ କୌଣସି ବିଧିବଦ୍ଧ ଅଭିଯୋଗ ଆସିନାହିଁ। ହେଲେ ଏହାକୁ ନିଜ ଆଭ୍ୟନ୍ତରୀଣ ତଦନ୍ତ କରାଯାଇପାରେ ବୋଲି ସେ କହିଛନ୍ତି।

# ବିଦ୍ରୋହ ଆଶଙ୍କାରେ ଥଇଥାନ

**ବିଜେଡି ରାଜନୀତି**

- ଘୋଷିତ ପ୍ରାର୍ଥୀଙ୍କ ଗ୍ରହଣୀୟତା ନେଇ ପ୍ରଶ୍ନବାଚୀ
- ପ୍ରିୟଦର୍ଶୀ, ଜନ୍ମେଜୟ, ମୀନକେତନଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ

**ଭୁବନେଶ୍ୱର,୫।୪(ବ୍ୟୁରୋ):** ସାଧାରଣ ନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା ପ୍ରାୟତଃ ସରିଆସିଲାଣି। କେନ୍ଦ୍ରାପଡ଼ା ଓ ବାରିପଦା ବିଧାନସଭା ଆସନ ପାଇଁ କେବଳ ପ୍ରାର୍ଥୀ ଘୋଷଣା ବାକି ରହିଛି। ସେହିପରି ପାଟକୁରା, କାକଟପୁର, ରାଜନଗର ଭଳି କେତେକ ଆସନରେ ପ୍ରାର୍ଥୀ ବଦଳିବାର ସମ୍ଭାବନା ରହିଛି। ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ମଧ୍ୟ ଶେଷ ହୋଇଛି। ତେଣୁ ଏବେ ସବୁ ଦଳ ପ୍ରଚାରମୁହାଁ ହେବା ସ୍ୱାଭାବିକ। ଶାସକ ଦଳ ବିଜେଡି ପକ୍ଷରେ ଗତଥରର ସଫଳତା ଦୋହରାଇବା ଚଳିତଥର ଚ୍ୟାଲେଞ୍ଜ ସଦୃଶ ହୋଇଛି। ତେଣୁ ଦଳୀୟ ଅସନ୍ତୋଷ ଏବଂ ଭୋଟ ବିଭାଜନକୁ ହ୍ରାସ କରିବାକୁ ନେଇ ଅକଳରେ ପଡ଼ିଛି। କେତେଜଣ ବିଧାୟକ ଏବଂ ଆଶାୟୀଙ୍କୁ ଟିକେଟରୁ ବଞ୍ଚିତ କରାଯାଇଛି। ସେମାନଙ୍କୁ ଦଳୀୟ ସାଙ୍ଗଠନିକ ପଦପଦବୀ ପ୍ରଦାନ କରାଯିବା ସହ ଥଇଥାନ ପର୍ବ ଆରମ୍ଭ ହୋଇଛି।

ବିଜେଡି ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର(ଉତ୍ତର) ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବଡ଼ଚଣାର ଜନେଜୟ ଲେଙ୍କା ଏବଂ ଅନୁଗୋଳର ମୀନକେତନ ଅମାତଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ କରାଯାଇଛି। ଜନ୍ମେଜୟ ଏବଂ ମୀନକେତନ ନିକଟରେ ଯଥାକ୍ରମେ କଂଗ୍ରେସ ଓ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ସେହିପରି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏବଂ ଜିତୁ ପଟ୍ଟନାୟକଙ୍କୁ ବିଜେପୁର ବିଧାନସଭା ପାଇଁ ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି କରାଯାଇଛି। ସେହିପରି ଦୁଇଦିନ ପୂର୍ବେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର କର୍ପୋରେଟର ଥିବା ଅମରେଶ ଜେନାଙ୍କୁ ସ୍ଥାନୀୟ ସାଙ୍ଗଠନିକ ଜିଲା ବିଜେଡିର ସଭାପତି ଦାୟିତ୍ୱ ଦିଆଯାଇଛି। ଉପରୋକ୍ତ ନେତାମାନଙ୍କୁ ବାଦ୍ ଦେଇ ଅନେକ ନେତାଙ୍କୁ ବିଜେଡି ଦଳୀୟ ପଦପଦବୀରେ ଥଇଥାନ କରିଲାଣି। ଦଳରେ ବିଦ୍ରୋହ ହୋଇ ଯେପରି ଭୋଟ ବିଭାଜନ ନ ହୁଏ, ସେଥିପ୍ରତି ନିର୍ବାଚନ ଯାଏ ସମସ୍ତଙ୍କୁ ଏପରି ଥଇଥାନ କରାଯାଉଥିବା ଆଲୋଚନା ହେଉଛି। ରାଜଧାନୀର ୩ଟି ଆସନକୁ ନେଇ ଶାସକ ଦଳ ଅଧିକ ଚିନ୍ତାରେ ଥିବା ଜଣାପଡ଼ିଛି।

ଭୁବନେଶ୍ୱର(ମଧ୍ୟ) ଆସନରୁ ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନାଙ୍କୁ ପ୍ରାର୍ଥୀ କରାଯାଇଛି। ଅନନ୍ତଙ୍କ ପ୍ରାର୍ଥିତ୍ୱକୁ ଅନେକେ ସହଜରେ ଗ୍ରହଣ କରିପାରିନାହାନ୍ତି। ତାଙ୍କ ନିର୍ବାଚନମଣ୍ଡଳୀରେ ଅମରେଶ ଅନନ୍ତଙ୍କ ବିରୋଧୀ ଭାବେ ପରିଚିତ। ତେଣୁ ତାଙ୍କୁ ତରବରିଆ ଭାବେ ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି କରାଯାଉଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରେ ବିଜେଡି ନୂଆ ପ୍ରାର୍ଥୀ ଦେଇଛି। ପୂର୍ବତନ କର୍ପୋରେଟର ତଥା ବରିଷ୍ଠ ନେତା ଦାମୋଦର ରାଉତଙ୍କ ଝିଅ ପ୍ରୀତିନନ୍ଦା ରାଉତରାୟ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେଣୁ ବିଜେଡିରେ ଭୋଟ ବିଭାଜନ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସେହିପରି ଭୁବନେଶ୍ୱର ଲୋକ ସଭା ଅଧୀନରେ ଆସୁଥିବା ୩ରୁ ୪ଟି ବିଧାନସଭା ଆସନରେ ଦଳ ଆଶାତୀତ ଭୋଟ ନ ପାଇବାର ସମ୍ଭାବନା ରହିଛି। ତେଣୁ ଦଳ କାହାକୁ ଅସନ୍ତୁଷ୍ଟ ନ କରି, ଅନ୍ତତଃ ନିର୍ବାଚନ ଯାଏ ସମସ୍ତଙ୍କୁ ଥଇଥାନ କରିବାକୁ ଚାହୁଁଛି। ସେହି କାରଣରୁ ପ୍ରିୟଦର୍ଶୀ ମିଶ୍ରଙ୍କୁ ସାଧାରଣ ସମ୍ପାଦକ କରାଯାଇଥିବା ଆଲୋଚନା ହେଉଛି। ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀ ଟିକେଟ ଆଶାୟୀ ଥିବା ବିଜୟ ନାୟକଙ୍କୁ ମଧ୍ୟ ଥଇଥାନ କରାଯାଇଛି। ପୂର୍ବରୁ ସେ ଢେଙ୍କାନାଳ ଜିଲା ସହପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏବେ ତାଙ୍କୁ ବିଜେପୁର ନିର୍ବାଚନମଣ୍ଡଳୀ ପାଇଁ ସହପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ବଲାଙ୍ଗିର ଜିଲା କଣ୍ଟାବାଞ୍ଜିରୁ ଏଥର ଆୟୁବ୍ ଖାଁଙ୍କୁ ପ୍ରାର୍ଥୀ କରାଯାଇନାହିଁ। ତାଙ୍କୁ ମଧ୍ୟ କେନ୍ଦ୍ରାପଡ଼ା ଜିଲାର ପର୍ଯ୍ୟବେକ୍ଷକ ସହ ଦଳର ସାଧାରଣ ସମ୍ପାଦକ କରାଯାଇଛି। ଝାରସୁଗୁଡ଼ା ଜିଲା ବ୍ରଜରାଜ ନଗରରୁ ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ପ୍ରାର୍ଥୀ କରାଯାଇ ନାହିଁ। ତେଣୁ ତାଙ୍କୁ ରାଜ୍ୟ ସଭା ଆଶ୍ୱାସନା ସହ ବିଜେପୁର ପ୍ରଚାର କମିଟି ଅଧ୍ୟକ୍ଷ କରାଯାଇଛି। ଆଗକୁ ଦଳୀୟ ପଦପଦବୀରେ ଥଇଥାନ ଆଶାତୀତ ଭାବେ ବୃଦ୍ଧି ପାଇବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଟିକେଟ ଆଶାୟୀ ନେତାଙ୍କୁ ଦଳୀୟ ପଦପଦବୀ କେତେମାତ୍ରାରେ ଚୁପ୍ କରାଇ ପାରିଛି, ତାହା ନିର୍ବାଚନ ଫଳାଫଳ ପରେ ଜଣାପଡ଼ିବ ବୋଲି ସମୀକ୍ଷକମାନେ କହିଛନ୍ତି।

## ■ ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ

# ୨୧୭ ପ୍ରାର୍ଥୀଙ୍କ ହେବ ଭାଗ୍ୟ ପରୀକ୍ଷା

- ୭୨୩୩ ବୁଥ୍‌ରେ ହେବ ମତଦାନ
- ୬୦ ଲକ୍ଷ ଭୋଟର ବାଛିବେ ଜନ ପ୍ରତିନିଧି

**ଭୁବନେଶ୍ୱର,୫।୪(ବ୍ୟୁରୋ):** ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୪ ଲୋକ ସଭା କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର ଓ ୨୮ ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀ ସମେତ ନୂଆପଡ଼ା, ଖରିଆର, ଲାଞ୍ଜିଗଡ଼, ଜୁନାଗଡ଼, ଭବାନୀପାଟଣା, ଧର୍ମଗଡ଼ ଓ ନର୍ଲା ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ନବରଙ୍ଗପୁର ଲୋକ ସଭା ଆସନ ସହିତ ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ୍ , ମାଲକାନଗିରି, ଚିତ୍ରକୋଣ୍ଡା ବିଧାନସଭା, ବ୍ରହ୍ମପୁର ଲୋକ ସଭା ଆସନ ସହ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା, ପାରଳାଖେମୁଣ୍ଡି ଏବଂ କୋରାପୁଟ ଲୋକ ସଭା ଆସନ ସମେତ ଗୁଣୁପୁର, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ ଏବଂ ପଟାଙ୍ଗୀ ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନରେ ୨୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ୨୪ ଜଣ ପୁରୁଷ ଓ ୨ ଜଣ ମହିଳା ଅଛନ୍ତି। ଏହି ନିର୍ବାଚନରେ ୨୬ ଜଣଙ୍କ ମଧ୍ୟରୁ ୧୨ ଜଣ ଜାତୀୟ ଦଳର, ୪ଜଣ ରାଜ୍ୟସ୍ତରୀୟ ଦଳର, ୭ ଜଣ ଅନ୍ୟାନ୍ୟ ଦଳର ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେହିପରି ପ୍ରଥମ ପର୍ଯ୍ୟାୟରେ ୨୮ ବିଧାନସଭା ପାଇଁ ୧୯୧ ଜଣ ପ୍ରାଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଛନ୍ତି। ସେମାନଙ୍କ ମଧ୍ୟରେ ୧୭୫ ଜଣ ପୁରୁଷ ହୋଇଥିବା ବେଳେ ୧୬ ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ଏହି ନିର୍ବାଚନରେ ୧୯୧ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୭୯ ଜଣ ଜାତୀୟ ଦଳର ପ୍ରାର୍ଥୀ ହୋଇଥିବା ବେଳେ ୨୮ ଜଣ ରାଜ୍ୟ ସ୍ତରୀୟ ଦଳ, ୩୮ ଜଣ ଅନ୍ୟାନ୍ୟ ଦଳ ଓ ୪୬ ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନକୁ ଓହ୍ଲାଇଛନ୍ତି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ରାଜ୍ୟରେ ୭୨୩୩ ବୁଥ୍‌ରେ ୨୯ ଲକ୍ଷ ୭୨ ହଜାର ୯୨୫ ପୁରୁଷ ଭୋଟର ଥିବା ବେଳେ ୩୦ ଲକ୍ଷ ୩୦ ହଜାର ୨୨୨ ମହିଳା ଭୋଟର ଏବଂ ୫୬୦ ଜଣ ତୃତୀୟ ଲିଙ୍ଗ ଭୋଟରକୁ ମିଶାଇ ମୋଟ ୬୦ ଲକ୍ଷ ୩ ହଜାର ୭୦୭ ଜଣ ସେମାନଙ୍କର ମତଦାନ କରିବେ।


## ପ୍ରେସ୍ ନୋଟ୍

### ଏକକାଳୀନ ସାଧାରଣ ନିର୍ବାଚନ-୨୦୧୯ରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ଦ୍ୱାରା ମୁଦ୍ରଣ କରାହେଉଥିବା ପ୍ରଚାର ପତ୍ର ଓ ପ୍ରଚାର ଫର୍ଦ୍ଦ ସମ୍ବନ୍ଧୀୟମାନଙ୍କ ସଞ୍ଚାଳନ ପ୍ରକ୍ରିୟା

ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୧ର ଧାରା ୧୨୭(ଅ) ଅନୁଯାୟୀ ପ୍ରତ୍ୟେକ ନିର୍ବାଚନ ପ୍ରଚାରପତ୍ର ଓ ପ୍ରଚାର ଫର୍ଦ୍ଦର ସମ୍ମୁଖରେ ମୁଦ୍ରାକାର ଏବଂ ପ୍ରକାଶନ ସଂସ୍ଥାର ନାମ ଓ ଠିକଣା ଉଲ୍ଲେଖ ରହିବ। ଉକ୍ତ ପ୍ରକାଶନ ସଂସ୍ଥାର ଚିହ୍ନଟ ପାଇଁ ମୁଦ୍ରଣ ପରେ ସମସ୍ତ ଦସ୍ତାବିଜ ସହ ଘୋଷଣାନାମାର ଏକକିତା ନକଲ ଯଥୋଚିତ ସମୟ ମଧ୍ୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ (ଯଦି ଏହି ମୁଦ୍ରଣ ସଂସ୍ଥା ରାଜ୍ୟ ରାଜଧାନୀରେ ଅବସ୍ଥିତ ତେବେ) ନଚେତ୍ ଏହି ମୁଦ୍ରଣ ସଂସ୍ଥା ଯେଉଁ ଜିଲ୍ଲାରେ ଅବସ୍ଥିତ ସମ୍ପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ବା ଜିଲ୍ଲାପାଳଙ୍କ ନିକଟକୁ ପଠାଇବେ।

ଏହି ନିୟମର କୌଣସି ପ୍ରକାର ଉଲ୍ଲଂଘନ କଲେ ସମ୍ପୃକ୍ତ ଉଲ୍ଲଂଘନକାରୀ ୬ମାସ ଅବଧି ପର୍ଯ୍ୟନ୍ତ କାରାବାସ କିମ୍ବା ୨୦୦୦/- ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହୋଇପାରନ୍ତି।

ଏହା ସମସ୍ତ ମୁଦ୍ରାକାର ଏବଂ ପ୍ରକାଶନ ସଂସ୍ଥାମାନଙ୍କରେ ଅବଗତି ନିମନ୍ତେ ଜଣାଇ ଦିଆଗଲା।

ସ୍ୱା./- ଜିଲ୍ଲାପାଳ, ଖୋର୍ଦ୍ଧା



## ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଖୋର୍ଦ୍ଧା

### ପ୍ରେସ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଭାରତ ନିର୍ବାଚନ ଆୟୋଗ ଦ୍ୱାରା ଖୋର୍ଦ୍ଧା ଜିଲ୍ଲାରେ ସାଧାରଣ ନିର୍ବାଚନ-୨୦୧୯ ଅନୁଧ୍ୟାନ ପାଇଁ ନିମ୍ନଲିଖିତ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଉଅଛି। ସାଧାରଣ ଓ ଖର୍ଚ୍ଚ ଅନୁଧ୍ୟାନ ପାଇଁ ପର୍ଯ୍ୟବେକ୍ଷକମାନେ ସାଧାରଣ ଜନତା, ନିର୍ବାଚନରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା, ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ସମୟ ଏବଂ ସ୍ଥାନ ନିମ୍ନଲିଖିତ ସାରଣୀରେ ଦିଆଗଲା।

| ସାଧାରଣ ପର୍ଯ୍ୟବେକ୍ଷକଙ୍କ ନାମ | ନିର୍ବାଚନ ମଣ୍ଡଳୀ | ଶୁଣାଣି ସ୍ଥାନ | ମୋବାଇଲ ନଂ |
|---|---|---|---|
| ଶ୍ରୀ ମଞ୍ଜୁର ଅଲ୍ଲୀ, ଆଇ.ଏ.ଏସ୍. | ଜୟଦେବ ଓ ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀ | ନାଲକୋ ଗେଷ୍ଟ ହାଉସ, ଭୁବନେଶ୍ୱର, କକ୍ଷ ସଂଖ୍ୟା-୨୦୭, ସୋମବାର, ବୁଧବାର, ଶୁକ୍ରବାର, ସମୟ ସକାଳ ୧୦.୩୦ରୁ ମଧ୍ୟାହ୍ନ ୧୨.୦୦ | ୮୮୯୫୮୨୭୮୫୧ |
| ଶ୍ରୀମତୀ ଏମ୍. ଗୌଥମୀ, ଆଇ.ଏ.ଏସ୍. | ଭୁବନେଶ୍ୱର ଉତ୍ତର ଓ ଏକାମ୍ର ଭୁବନେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ | ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର, ସୋମବାର, ବୁଧବାର, ଶୁକ୍ରବାର, ସମୟ ସକାଳ ୧୧.୦୦ରୁ ମଧ୍ୟାହ୍ନ ୧୨.୩୦ | ୮୮୯୫୮୨୭୭୧୪ |
| ଶ୍ରୀ ଚନ୍ଦ୍ରଶେଖର, ଆଇ.ଏ.ଏସ୍. | ଜଟଣୀ ଓ ବେଗୁନିଆ ବିଧାନସଭା ନିର୍ବାଚନ ମଣ୍ଡଳୀ | ନାଲକୋ ଗେଷ୍ଟ ହାଉସ, ବୈଠକ ଗୃହ, ଭୁବନେଶ୍ୱର, ସୋମବାର, ବୁଧବାର, ଶୁକ୍ରବାର, ସମୟ ଅପରାହ୍ନ ୪.୦୦ରୁ ଅପରାହ୍ନ ୫.୦୦ | ୮୮୯୫୮୨୭୯୦୬ |
| କୁମାରୀ ଭି.ଲଲିଥାଲକ୍ଷ୍ମୀ, ଆଇ.ଏ.ଏସ୍. | ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀ | ନାଲକୋ ଗେଷ୍ଟ ହାଉସ, ବୈଠକ ଗୃହ, ଭୁବନେଶ୍ୱର, ସୋମବାର, ବୁଧବାର, ଶୁକ୍ରବାର, ସମୟ ଅପରାହ୍ନ ୪.୩୦ରୁ ଅପରାହ୍ନ ୫.୩୦ | ୮୮୯୫୮୨୮୫୧୨ |

| ଖର୍ଚ୍ଚ ଅନୁଧ୍ୟାନ ପାଇଁ ପର୍ଯ୍ୟବେକ୍ଷକଙ୍କ ନାମ | ନିର୍ବାଚନ ମଣ୍ଡଳୀ | ଶୁଣାଣି ସ୍ଥାନ | ମୋବାଇଲ ନଂ |
|---|---|---|---|
| ଶ୍ରୀ ବିଦ୍ୟାସାଗର ଆର.ପାଟିଲ, ଆଇ.ଆର.ଏସ୍. | ୧୮ ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ | ଏମ୍.ସି.ଏଲ ଗେଷ୍ଟ ହାଉସ, କକ୍ଷ ସଂଖ୍ୟା-୧୧୨, ସୋମବାର, ବୁଧବାର, ଶୁକ୍ରବାର, ସମୟ ସକାଳ ୯.୦୦ରୁ ୧୦.୦୦ | ୮୮୯୫୮୩୨୪୧୯ |
| ଶ୍ରୀ ଭରିଶ ଚନ୍ଦ୍ର ଶୁକ୍ଲା, ଆଇ.ଆର.ଏ.ଏସ୍. | ଜୟଦେବ, ଭୁବନେଶ୍ୱର ମଧ୍ୟ ଭୁବନେଶ୍ୱର ଉତ୍ତର ଓ ଏକାମ୍ର ଭୁବନେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ | ଏମ୍.ସି.ଏଲ୍ ଗେଷ୍ଟ ହାଉସ, କକ୍ଷ ସଂଖ୍ୟା-୧୧୧, ସୋମବାର, ବୁଧବାର, ଶୁକ୍ରବାର, ସମୟ ସକାଳ ୯.୦୦ରୁ ୧୦.୦୦ | ୮୮୯୫୮୨୮୪୨୪ |
| ଶ୍ରୀ ଏସ୍.ଭି ଚାରୀ, ଆଇ.ଆର.ଏ.ଏସ୍. | ଜଟଣୀ, ବେଗୁନିଆ, ଖୋର୍ଦ୍ଧା, ଚିଲିକା, ବିଧାନସଭା ନିର୍ବାଚନ ମଣ୍ଡଳୀ | ଏନ.ଟି.ପି.ସି. ଗେଷ୍ଟ ହାଉସ, କକ୍ଷ ସଂଖ୍ୟା-୨, ସୋମବାର, ବୁଧବାର, ଶୁକ୍ରବାର, ସମୟ ସକାଳ ୮.୦୦ରୁ ୯.୦୦ | ୮୮୯୫୮୨୭୯୨୯ |

| ପୋଲିସ ମୁତୟନ ବ୍ୟବସ୍ଥା ଅନୁଧ୍ୟାନ ପାଇଁ ପର୍ଯ୍ୟବେକ୍ଷକଙ୍କ ନାମ | ନିର୍ବାଚନ ମଣ୍ଡଳୀ | ମୋବାଇଲ ନଂ |
|---|---|---|
| ଡିଆର. ଶ୍ୟାମଲ ପ୍ରସାଦ ସାଇକିଆ, ଆଇ.ପି.ଏସ୍. | ସମସ୍ତ ବିଧାନସଭା ଓ ଲୋକସଭା ନିର୍ବାଚନ ମଣ୍ଡଳୀ | ୯୪୩୫୫୧୬୪୦୦ |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଖୋର୍ଦ୍ଧା

# ୬୫ ହଜାର ଠକେଇ: ଦମ୍ପତି ଗିରଫ

**କଟକ ଅଫିସ, ୫।୪**

## ଫେକ୍ ଆକାଉଣ୍ଟ ସହାୟତାରେ ଲୋକଙ୍କୁ ଠକୁଥିଲେ

ସୋସିଆଲ ମିଡିଆ ଫେସ୍‌ବୁକ୍‌ରେ ଫେକ୍ ଆକାଉଣ୍ଟ ଖୋଲି ଲୋକମାନଙ୍କଠାରୁ ବିଭିନ୍ନ ଆଳରେ ଟଙ୍କା ଠକେଇ କରିବା ଅଭିଯୋଗରେ ଶୁକ୍ରବାର ଚାଉଳିଆଗଞ୍ଜ ପୋଲିସ ପୁରୀରୁ ଏକ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୌଦ୍ଧ ଜିଲା ଅନ୍ତର୍ଗତ ଲିଆଗାଁ ଅଞ୍ଚଳର ମୁରଲିଧର ଅଲ୍ଲିଆ ଓ ତନେୟା ପରିଡା। ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ଓଆଇଏସ୍‌ଏଫ୍)ରେ କାର୍ଯ୍ୟରତ ହାବିଲଦାର ମଧୁସୂଦନ ତ୍ରିପାଠୀଙ୍କଠାରୁ ୬୫ ହଜାର ଟଙ୍କା ଠକେଇ ମାମଲାର ତଦନ୍ତ କରି ପୋଲିସ ସେମାନଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା(୩୯/୧୯) ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ତନେୟା ଫେସ୍‌ବୁକ୍‌ରେ ଶୁଭସ୍ମିତା ମିଶ୍ର ନାଁରେ ଏକ ଫେକ୍ ଆକାଉଣ୍ଟ ଖୋଲି ହାବିଲଦାର ତ୍ରିପାଠୀଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ। ପରେ ଏହାଦ୍ୱାରା ତାଙ୍କ ସହ କଥା ହୋଇଥିଲେ। ପରବର୍ତ୍ତୀ ସମୟରେ ଦୁହିଙ୍କ ମଧ୍ୟରେ ସମ୍ପର୍କ ନିବିଡ ହୋଇଥିଲା। ଶୁଭସ୍ମିତା ନିଜକୁ ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରୀ ବୋଲି ପରିଚୟ ଦେଇଥିଲେ। ଏପରି କିଛି ମାସ କଥା ହେବା ପରେ ଶୁଭସ୍ମିତା ଏମ୍‌ବିବିଏସ୍ ପଢିବା ପାଇଁ ମଧୁସୂଦନଙ୍କୁ କହିବା ସହ କିଛି ଟଙ୍କା ସାହାଯ୍ୟ ମାଗିଥିଲେ। ମଧୁସୂଦନ ତାଙ୍କ କଥାରେ ବିଶ୍ୱାସ କରି ତାଙ୍କୁ ୬୫ ହଜାର ଟଙ୍କା ଦେଇଥିଲେ। ଟଙ୍କା ପାଇବା ପରେ ଶୁଭସ୍ମିତାଙ୍କ ଫୋନ ସୁଇଚ୍ ଅଫ ଥିବା ଦର୍ଶାଇଥିବା ବେଳେ ଫେସ୍‌ବୁକ୍‌ରେ ଉକ୍ତ ଆକାଉଣ୍ଟରେ ସେ ଆଉ ଅନ୍‌ଲାଇନରେ ଆସି ନ ଥିଲେ। ମଧୁସୂଦନ ତାଙ୍କୁ ଯୋଗାଯୋଗ କରି ଶେଷରେ ବିଫଳ ହୋଇଥିଲେ। ପରେ ସେ ଠକାମୀର ଶିକାର ହୋଇଥିବା ଜାଣିପାରି ଗତ ମାର୍ଚ୍ଚ ମାସରେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାର ପୋଲିସ ତଦନ୍ତ କରିବା ପରେ ସମ୍ପୃକ୍ତା ମହିଳା ଓ ତାଙ୍କ ସ୍ୱାମୀ ପୁରୀରେ ଥିବା ଜାଣିବାକୁ ପାଇଥିଲା। ପୋଲିସ ସେଠାରେ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ଉଭୟ ପ୍ରଥମେ ଫେକ୍ ଆକାଉଣ୍ଟ ଖୋଲି ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରୁଥିଲେ। ତାଙ୍କର ବିଶ୍ୱାସ ଜିତିବା ପରେ ମେଡିକାଲ କାର୍ଯ୍ୟ, ପାଠପଢା, ଦେହ ଖରାପ ଭଳି ଭାବବିହ୍ୱଳ କଥା କହି ଲୋକମାନଙ୍କୁ ଟଙ୍କା ମାଗୁଥିଲେ। ଏଭଳି ଭାବେ ସେମାନେ ବହୁ ଲୋକଙ୍କଠାରୁ ଠକେଇ କରିଥିବା ସ୍ୱୀକାର କରିଥିଲେ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କଠାରୁ ଏଭଳି ଭାବେ ସେମାନେ ଟଙ୍କା ଠକେଇ କରିଥାନ୍ତେ। ସେଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଟଙ୍କା ନେବା ପାଇଁ ଦମ୍ପତି ପୁରୀ ଡାକିଥିଲେ। ଏହା ଜଣାପଡିବା ପରେ ପରେ ପୋଲିସ ଚଢାଉ କରି ଦମ୍ପତିଙ୍କୁ ଗିରଫ କରିଥିଲା ବୋଲି ଡିସିପି କହିଛନ୍ତି।

# ଭୋଟ ବର୍ଜନ କରିବେ ଓଡ଼ିଶା ମୋଟର ଚାଳକ ସଂଘ

**ଭୁବନେଶ୍ୱର,୫।୪(ବ୍ୟୁରୋ)**

ବିଭିନ୍ନ ଦାବି ପୂରଣ ହୋଇ ନ ଥିବାରୁ ଓଡ଼ିଶା ମୋଟର ଚାଳକ ସଂଘ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛି। ଡ୍ରାଇଭରମାନଙ୍କୁ ଶ୍ରମ ବିଭାଗ ଦ୍ୱାରା ପଞ୍ଜୀକୃତ କରିବା, ଡ୍ରାଇଭର କଲ୍ୟାଣ ଆଇନ ପ୍ରଣୟନ କରି କଲ୍ୟାଣ ପାଣ୍ଠି ଗଠନ କରିବା, ସମସ୍ତ ପ୍ରକାର ସାମାଜିକ ସୁରକ୍ଷା ଯୋଗାଇ ଦେବା ସମେତ ୬ଦଫା ଦାବି ନେଇ ସଂଘ ପକ୍ଷରୁ ଅନେକ ଥର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ସରକାର କୌଣସି ଦାବି ପୂରଣ କରିନାହାନ୍ତି। ତେଣୁ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ ସହ ସରକାରଙ୍କୁ ଅସହଯୋଗ କରିବାକୁ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ସରକାର ନିର୍ବାଚନ ସମୟରେ ଗାଡ଼ି ଅଧିଗ୍ରହଣ କରନ୍ତି। ପ୍ରତ୍ୟେକ ବୁଥ୍ ଅଞ୍ଚଳରେ ନିର୍ବାଚନ ସାମଗ୍ରୀ ସହ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସରମାନଙ୍କୁ ପରିବହନ କରି ନିଅନ୍ତି। ନିର୍ବାଚନ ପାଇଁ ନିୟୋଜିତ କର୍ମଚାରୀମାନଙ୍କ ରହିବା, ଖାଇବା, ସ୍ନାନ, ଶୌଚ, ଶୟନ, ବିଶ୍ରାମ ଆଦି ନିମନ୍ତେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଥାଏ। ମାତ୍ର ଡ୍ରାଇଭରମାନଙ୍କୁ କୌଣସି ସୁବିଧା ସୁଯୋଗ ଦିଆଯାଏ ନାହିଁ, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସଂଘର କାର୍ଯ୍ୟକାରୀ ପରାମର୍ଶଦାତା ରବିନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଭାପତି ଅକ୍ଷୟ ନାୟକ, ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି, ଉପସଭାପତି ଦେବେନ୍ଦ୍ର ବେହେରା, ସହସମ୍ପାଦକ ମେହେଟା ଦିଗାଲ, ସଙ୍ଗଠକ ସମ୍ପାଦକ ଚୈତନ୍ୟ ସାହାଣୀ, ଶରତ ଚନ୍ଦ୍ର ସାହାଣୀ ପ୍ରମୁଖ ଯୋଗଦେଇଥିଲେ।


NATIONAL EGG CO-ORDINATION COMMITTEE 05.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 88 | 142 | 152 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers

## ନିର୍ମାଣ ଲେବର କଣ୍ଟ୍ରାକ୍ଟର ଆବଶ୍ୟକ

ଶିଳ୍ପୋଦ୍ୟୋଗ ଓ ଉଚ୍ଚ ସ୍ତରୀୟ ଅଟ୍ଟାଳିକା ନିର୍ମାଣ କ୍ଷେତ୍ରରେ ବିଶେଷ ଅଭିଜ୍ଞତା ସଂପନ୍ନ ଏକ ନିର୍ମାଣ କମ୍ପାନି ଏହାର ହାଇଦ୍ରାବାଦ, ଆନ୍ଧ୍ରପ୍ରଦେଶରେ ଆଗାମୀ ପ୍ରକଳ୍ପ ଲାଗି ଲେବର କଣ୍ଟ୍ରାକ୍ଟର ଆବଶ୍ୟକ କରୁଛି। ଏହି ଲେବର କଣ୍ଟ୍ରାକ୍ଟରଙ୍କ ପ୍ରାୟ ୧୦୦ରୁ ୧୫୦ ସଂଖ୍ୟକ କୁଶଳୀ କର୍ମୀ ଯୋଗାଣ କରିପାରୁଥିବାର କ୍ଷମତା ରହିଥିବ ଯାହା ମଧ୍ୟରେ ସଟରିଂ କାମ ସହ ପ୍ଲାଏ ଉଡ୍ / ଆଲୁମିନିୟମ ଫର୍ମ କାମ, ଏମଏସ ପ୍ଲେଟ ପାଇଁ କାର୍ପେଣ୍ଟର ସହ ଷ୍ଟିଲ ରିଇନଫୋର୍ସମେଣ୍ଟ କାମ ପାଇଁ ଫିଟର (ବାର ବେଣ୍ଡର) ରହିଥିବେ। ଉପରୋକ୍ତ ସବୁ କର୍ମଚାରୀ ୨୪ ଘଣ୍ଟା ପାଇଁ ସିଫ୍ଟ ଭିତ୍ତିରେ କାର୍ଯ୍ୟ କରିବାକୁ ସକ୍ଷମ ଥିବେ।
ଲେବର କଣ୍ଟ୍ରାକ୍ଟର ଯେଉଁମାନେ ଏନଏମଆର/ ବର୍ଗ ମିଟର ଭିତ୍ତିରେ କାର୍ଯ୍ୟ କରବାକୁ ଆଗ୍ରହୀ ଥିବେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ଦରକାର ରହିଛି। ଯଥା ଶୀଘ୍ର ପ୍ରକଳ୍ପ ସମାପ୍ତି ଉପରେ ପ୍ରୋତ୍ସାହନ ଦିଆଯିବ।
ଇଚ୍ଛୁକ କଣ୍ଟ୍ରାକ୍ଟର ମାନେ ଦୟାକରି ନିଜର ପ୍ରୋଫାଇଲକୁ ଏହି ଠିକଣାରେ ପଠାଇବା ଆବଶ୍ୟକ।
dgmcivil@priyacement.com | Call:7680888547 / 7680091039












2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅନ୍ୟଠାରୁ ଯାହା ଉପକାର ପାଇଲ, ତାକୁ ଭୁଲିଯିବା ଉଚିତ ନୁହେଁ କି ଅନ୍ୟ ପ୍ରତି କରିଥିବା ଉପକାର କଥା ଆଦୌ ମନେ ପକାଇବା ଉଚିତ ନୁହେଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଶୋଭାଯାତ୍ରାରେ ଗଣ୍ଡଗୋଳ ଘଟଣା: ଥାନାରେ ମାମଲା

**ମାହାଙ୍ଗା,୫।୪(ସ୍ୱ.ପ୍ର.)**- ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ସାରଦା ପ୍ରଧାନ ଗୁରୁବାର ପ୍ରାର୍ଥିପତ୍ର ଦାଖଲ କରିବା ପରେ ଏକ ଶୋଭାଯାତ୍ରା କରିଥିଲେ। ଏହି ଶୋଭାଯାତ୍ରା ବେଳେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକନଠାରେ ଏକ ବାଇକ ଓ ଫର୍ନିଚର ଦୋକାନକୁ କେତେଜଣ କର୍ମୀ ଭାଙ୍ଗି ଦେଇଥିଲେ। ଏନେଇ ଦୋକାନ ମାଲିକ କୁନି ଦେଇ ଶୁକ୍ରବାର ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଦୋକାନ କାନ୍ଥରେ ବିଜେଡି ବ୍ୟାନର ଦେଖି ଶୋଭାଯାତ୍ରାରେ ଯାଉଥିବା କିଛି ବ୍ୟକ୍ତି ଏହାକୁ ଚିରିଦେଇଥିଲେ। ଉପସ୍ଥିତ ଦୋକାନୀ ଓ ତାଙ୍କ ପରିବାର ଲୋକେ ବିରୋଧ କରିବାରୁ ସେମାନେ ଉତ୍କ୍ଷିପ୍ତ ହୋଇ ଦୋକାନରେ ଥିବା ବିଭିନ୍ନ ସାମଗ୍ରୀ ବାହାରକୁ ଫିଙ୍ଗିଦେବା ସହ ବାଇକକୁ ଭଙ୍ଗାରୁଜା କରିଥିଲେ। ଅଭିଯୋଗକୁ ଭିତ୍ତିକରି ମାମଲା (ନଂ-୫୭/୧୯) ରୁଜୁ କରାଯାଇଛି। ଏ ସମ୍ପର୍କରେ ମାହାଙ୍ଗା ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ କହିଛନ୍ତି, ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜର ଯାଞ୍ଚ କରାଯାଇ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ମା'ଚର୍ଚ୍ଚିକାଙ୍କ ପୀଠରେ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ



**ବାଙ୍କୀ,୫।୪ (ସ୍ୱ.ପ୍ର.)**- ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ଶୁକ୍ରବାରଠାରୁ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହି ପୂଜା ୯ଦିନ ଧରି ଚାଲିବ। ଏହି ଉପଲକ୍ଷେ ଭୋର ୪ଟାରେ ମା'ଙ୍କ ପହଡ ଖୋଲାଯାଇ ମଙ୍ଗଳ ଆଳତି, ଦନ୍ତ ଶୋଧନ, ମାଜଣା, ଚନ୍ଦନ ଓ ଅଳଙ୍କାର ଲାଗି ଆଦି କର୍ମ ଅନୁଷ୍ଠିତ ହୋଇଥିଲା। ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବଲ୍ଲଭ ପୂଜା କରାଯାଇ ମା'ଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ଦିନ ୧୦ଟା ଧୂପରେ ଖେଚୁଡ଼ି, ତରକାରି, ଖିରି ଓ କାକେରା ଆଦି ଭୋଗ କରାଯାଇ ମା'ଙ୍କ ବିଶ୍ରାମ ପାଇଁ ପହଡ ବନ୍ଦ କରାଯାଇଥିଲା। ଅପରାହ୍ନ ୫ଟାରେ ପହଡ ଖୋଲାଯାଇ ଦେବୀଙ୍କ ଆଳତି ପରେ ସନ୍ଧ୍ୟା ଦର୍ଶନ ହୋଇଥିଲା। ଏଥିସହ ଧୂପରେ ଟେରାଅନ୍ନ ଓ ରାତ୍ରି ଧୂପରେ ଦହିପଖାଳ, ଅଧରପଣା ଓ ତରକାରି ଆଦି ପୂଜା ହେବାର ବ୍ୟବସ୍ଥା କରାଯାଇଛି। ଏହି ପୂଜା ଚୈତ୍ର ଶୁକ୍ଳ ଶ୍ରୀରାମ ନବମୀରେ ଶେଷ ହେବ। ମା'ଙ୍କର ଏହି ବାସନ୍ତୀ ଦୁର୍ଗାପୂଜା ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ରାଜଗୁରୁ ଭବାନୀ ଶଙ୍କର ମହାପାତ୍ର ବାଙ୍କୀ ରାଜାଙ୍କ ନିର୍ଦ୍ଦେଶକ୍ରମେ ପୂଜାର୍ଚ୍ଚନାର ଦାୟିତ୍ୱ ତୁଲାଉଛନ୍ତି।

### ମା'ପ୍ରଗଳା ଠାକୁରାଣୀଙ୍କୁ ପାଖ ମନ୍ଦିରକୁ ସ୍ଥାନାନ୍ତର

**ନରସିଂହପୁର,୫।୪(ଡି.ଏନ୍.ଏ.)**- ନରସିଂହପୁର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା'ପ୍ରଗଳାଙ୍କ ମନ୍ଦିରକୁ ଗ୍ରାମବାସୀଙ୍କ ସହଯୋଗରେ ନୂତନ ଭାବେ ନିର୍ମାଣ କରାଯାଉଛି। ଏହି ମନ୍ଦିର ମୂଳ ମନ୍ଦିର ନିକଟରେ ନିର୍ମାଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୂଜାର୍ଚ୍ଚନା ପରେ ମାଙ୍କ ବିଗ୍ରହକୁ ନିକଟରେ ଥିବା ଅନ୍ୟ ଏକ ମନ୍ଦିରକୁ ସ୍ଥାନାନ୍ତର କରାଯାଇଛି। ଏହି କାର୍ଯ୍ୟରେ ଜୟପୁର ଗ୍ରାମର ଶତ୍ରୁଘ୍ନ ସାହୁ, ପୂଜକ ଲୋଚନ ଦେହୁରୀ, ପ୍ରାଣକୃଷ୍ଣ ଦେହୁରୀ, ସମୀର ଦେହୁରୀ, ବିମଳ ନାୟକ, କୁନ୍ଦ ପ୍ରଧାନ ଓ ନାରଣ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

### ମଦ ଜବତ, ଜଣେ ଗିରଫ

**ତିଗିରିଆ,୫।୪(ଡି.ଏନ.ଏ.):** ତିଗିରିଆ ଥାନା ପୋଲିସ ଓ ପ୍ରଶାସନ ମିଳିତ ଭାବେ ଥାନା ଅନ୍ତର୍ଗତ ଗୋଡିଝରିଆ ଗ୍ରାମରେ ଚଢ଼ାଉ କରି ୯୯୦ ଲଟର ଦେଶୀ ମଦ ଜବତ କରିଛନ୍ତି। ଏହି ଘଟଣାରେ ଗୋଡିଝରିଆ ଗ୍ରାମର ନିର୍ମଳ ନାଏକ(୩୫)ଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ମାମଲା ନଂ-୪୨/୧୯ ରୁଜୁ ହୋଇଛି। ପ୍ରଫୁଲ୍ଲଙ୍କ ଘରେ ବିପୁଳ ଦେଶୀମଦ ଗଚ୍ଛିତ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳଙ୍କ ସମେତ ତିଗିରିଆ ଅତିରିକ୍ତ ତହସିଲଦାର ହେମନ୍ତ ନାୟକ, ଏଏସଆଇ ପ୍ରଶାନ୍ତ କାନୁନ୍‌ଗୋ, କନଷ୍ଟେବଲ ପ୍ରଫୁଲ୍ଲ ବେହେରା, ଶିବାଜୀ ଜେନା ଓ ଗଗନ ବେହେରା ପ୍ରମୁଖ ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟାରେ ଚଢାଉ କରିଥିଲେ।

# ବାଣିପଦାରେ ଗୋଷ୍ଠୀ ସଂଘର୍ଷ, ୨୫ଗିରଫ

**୩ ପୋଲିସ କର୍ମଚାରୀଙ୍କ ସମେତ ୧୩ ଆହତ**

**ଚୌଦ୍ୱାର, ୫।୪(ଡି.ଏନ୍.ଏ.):**

ଚୌଦ୍ୱାର ଥାନା ଅଧୀନ ବାଣିପଦା ପଞ୍ଚାୟତରେ ଶୁକ୍ରବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୩ଜଣ ପୋଲିସ କର୍ମଚାରୀ ଆହତ ହୋଇଥିବାବେଳେ ଉଭୟ ଗୋଷ୍ଠୀର ୧୦ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ.୧୧୭/୧୯)ରୁଜୁ କରି ଉଭୟ ଗୋଷ୍ଠୀର ୨୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ହୋଲିରେ ବାଣୀପଦା ପଞ୍ଚାୟତର ମଲ୍ଲିକସାହି ଓ ଷାଠିଏଘରିଆସାହିର କେତେଜଣ ଯୁବକଙ୍କ ମଧ୍ୟରେ କମେଣ୍ଟମରାକୁ ନେଇ ସଂଘର୍ଷ ହୋଇଥିଲା। ପୁଣି ଗତ ୨ତାରିଖରେ ଗଣ୍ଡଗୋଳ ହୋଇଥିଲା। ଏହାର ସମାଧାନ ପାଇଁ ସ୍ଥାନୀୟ ଏକ ମନ୍ଦିରରେ ବୈଠକ ବସିଥିଲା। କିନ୍ତୁ ବୈଠକରେ କୌଣସି ସମାଧାନ ହୋଇପାରି ନ ଥିବା ଗ୍ରାମବାସୀ କହିଛନ୍ତି। ଗୁରୁବାର ରାତିରେ ଉଭୟ ଗୋଷ୍ଠୀର କେତେଜଣ ଯୁବକ ବାଣୀପଦାରେ ହେଉଥିବା ଯାତ୍ରା ଦେଖିବାକୁ ଆସିଥିଲେ। ଶୁକ୍ରବାର ଭୋରରୁ ଯାତ୍ରା ସରିବା ପରେ ଉଭୟ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ପୁଣି ଆରମ୍ଭ ହୋଇଥିଲା କମେଣ୍ଟମରା। ପରେ ଏହା ଉଗ୍ରରୂପ ନେଇଥିଲା। ଆରମ୍ଭ ହୋଇଥିଲା ଢେଲା ଓ ପଥର ମାଡ଼। ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚିଥିବା ବେଳେ ଗଣ୍ଡଗୋଳରୁ ନିବୃତ୍ତ ରହିବା ବଦଳରେ ଉଭୟ ଗୋଷ୍ଠୀର ଯୁବକମାନେ ଓଲଟି ପୋଲିସ ଉପରକୁ ଆକ୍ରମଣ କରିଥିଲେ। ଏହି ସଂଘର୍ଷରେ ଚୌଦ୍ୱାର ଥାନା ଆଇଆଇସି ପଦ୍ମନାଭ ପ୍ରଧାନଙ୍କ ମୁଣ୍ଡ ଫାଟିବା ସହିତ ୨ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଚୌଦ୍ୱାର ପୋଲିସ ୪୦ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନଙ୍କ ମଧ୍ୟରୁ ୨୫ଜଣଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲେ। ଅନ୍ୟପକ୍ଷରେ ଏନେଇ ଆଇଆଇସି ପ୍ରଧାନ କୁହନ୍ତି, ଗଣ୍ଡଗୋଳକାରୀମାନେ ମଦ୍ୟପାନ କରିଥିବାରୁ ଏପରି ପରିସ୍ଥିତି ଉପୁଜିଥିଲା। ଏହି ଘଟଣାରେ ସମ୍ପୃକ୍ତି ଥିବା ଅନ୍ୟମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି।

## ଭାଜପା କର୍ମୀଙ୍କ ବିଜେଡିରେ ଯୋଗଦାନ




ମିଶ୍ରଣ ପର୍ବରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

**ଆଠଗଡ଼, ୫।୪(ସ୍ୱ.ପ୍ର.)**

ଆଠଗଡ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଦଳ ପରିବର୍ତ୍ତନ ଚାଲିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବହୁ ଭାଜପା କର୍ମୀ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଭାଜପା ଯୁବମୋର୍ଚ୍ଚା ମଣ୍ଡଳ ସମ୍ପାଦକ ହେମନ୍ତ କୁମାର ପ୍ରଧାନ ମଣ୍ଡଳ କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ମହାପାତ୍ର, ପ୍ରଭଞ୍ଜନ ସେଠୀ, ସୁରସେନ ସାହୁ, ଅକ୍ଷୟ ପ୍ରଧାନ, ସନ୍ତୋଷ ବେହେରା, ଅଖିଳ ତୁଙ୍ଗ, ପବିତ୍ର ଦାସ ପ୍ରମୁଖ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଇଛନ୍ତି । ସ୍ଥାନୀୟ ଶ୍ରୀରାମ ମଣ୍ଡପରେ ଆୟୋଜିତ ମିଶ୍ରଣ ପର୍ବରେ ବିଧାୟକ ସ୍ୱାଇଁ, ୩ନଂ ଜୋନ ଜିଲା ପରିଷଦ ସଭ୍ୟା ଜାନକୀଲତା ନାୟକ ଓ ନଗର ସଭାପତି ପ୍ରଦୀପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଭାବେ ଯୋଗଦାନ କରିଥିବା ସଦସ୍ୟମାନଙ୍କୁ ଆଠଗଡ ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସୁଧୁରୁନାହିଁ ଅବସ୍ଥା, ପଥଚାରୀ ହନ୍ତସନ୍ତ

**ଖାଲଖମାରେ ପୂରିରହିଛି ଉଷ୍ମମାପାଟଣା-ରଘୁନାଥନଗର ରାସ୍ତା**

**ମାହାଙ୍ଗା, ୫।୪(ଡି.ଏନ୍.ଏ.)**



ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳରେ ଗମନାଗମନର ବିକାଶ ପାଇଁ ଅନେକ ଯୋଜନା କରିଛନ୍ତି ବୋଲି ଡିଣ୍ଡିମ ପିଟି ଚାଲିଛନ୍ତି। କିନ୍ତୁ ଏହା କେତେଦୂର କାର୍ଯ୍ୟକାରୀ ହେଉଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଏକ ଉଦାହରଣ କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଉଷ୍ମମା ପଞ୍ଚାୟତସ୍ଥିତ ଉଷ୍ମମାପାଟଣା–ରଘୁନାଥନଗର ରାସ୍ତାରେ ଦେଖିବାକୁ ମିଳିଛି। ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ମାତ୍ର ଏହି ଉନ୍ନତୀକରଣ ପ୍ରତି ଦୃଷ୍ଟି ଦିଆଯାଉନାହିଁ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ମାହାଙ୍ଗା ବ୍ଲକ ଅନ୍ତର୍ଗତ ଛତ୍ରତୋଟା–ରାହାଣିଆ ଗ୍ରାମ୍ୟ ଉନ୍ନୟନ ବିଭାଗର ତାରିଣୀ ମନ୍ଦିରଠାରୁ ଉଷ୍ମମାପାଟଣା ମଧ ଦେଇ ଯାଇଥିବା ରାସ୍ତା ଖାଲଖମାରେ ଭରି ରହିଛି । ଅସରାଏ ବର୍ଷା ହେଲେ ଖରାଦିନେ ମଧ ଏହି ରାସ୍ତା କାଦୁଅରେ ପୁରି ଯାଉଛି। ଫଳରେ ଯାତ୍ରୀମାନେ ଏହି ରାସ୍ତାଦେଇ ଗଲାବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ବହୁ ଲୋକ ଏହି ରାସ୍ତାଦେଇ ବ୍ଲକ କାର୍ଯ୍ୟାଳୟ, ତହସିଲ କାଯ୍ୟାଳୟ, ଡାକ୍ତରଖାନା, ବ୍ୟାଙ୍କ, ଡାକଘର ଓ ଥାନା ଆଦି ସ୍ଥାନକୁ ଯାଇଥାନ୍ତି। ଜରୁରୀ ସମୟରେ ସ୍ଥାନୀୟ ଲୋକେ ଏହି ରାସ୍ତାକୁ ବାଇପାସ୍ ରାସ୍ତା ଭାବେ ବ୍ୟବହାର କରିଥାନ୍ତି। ମାତ୍ର ଏହି କଚ୍ଚା ରାସ୍ତାର ନବୀକରଣ କରାଯାଉ ନ ଥିବାରୁ ଏହା ଏବେ ବିପଦ ସଙ୍କୁଳ ହୋଇପଡିଛି। ବହୁ ସମୟରେ ଯାତାୟାତ ବେଳେ ଲୋକେ ଦୁର୍ଘଟଣାରେ ପଡିଥାନ୍ତି ବୋଲି ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ରାସ୍ତାକୁ ପକ୍କା କରିବା ପାଇଁ ଗ୍ରାମବାସୀ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଦାବି ହୋଇଛି।

## ଦଣ୍ଡ ମେଳଣରେ ୫ ଠାକୁର ଏକତ୍ରିତ

**ନରସିଂହପୁର,୫।୪(ଡି.ଏନ୍.ଏ.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ଏକତାଳ ଗ୍ରାମର ଶ୍ରୀ ଶ୍ରୀ ବିଶ୍ୱନାଥ ମା କାଳୀକା ଦଣ୍ଡ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ପଡିଆରେ ଦଣ୍ଡ ମେଳଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଦଣ୍ଡ ମେଳଣ ଉତ୍ସବରେ ପଦାମାଳ, କାଞ୍ଜିଆପଦା, କାକୁଡିଆ, ବାଣପୁର ଓ ଏକତାଳ ଗ୍ରାମର ଠାକୁର ଏକତ୍ରିତ ହୋଇଥିଲେ। ମହାନଦୀ ଘାଟରୁ ସମସ୍ତ ଠାକୁର ପାଣିତୋଳା କାର୍ଯ୍ୟ ଶେଷ କରି ଗ୍ରାମ ପରିକ୍ରମା କରିଥିଲେ। ପାଟ ଦଣ୍ଡୁଆ ବିଶ୍ୱନାଥ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗ୍ରାମର ସଭାପତି ଭୀମସେନ ମହାରଣା, ସମ୍ପାଦକ ପ୍ରଶାନ୍ତ ମନ୍ତ୍ରୀ, ଅଜୟ କୁମାର ପଣ୍ଡା, ପ୍ରସନ୍ନ ଜେନା, କାର୍ତ୍ତିକ ଦଳେଇ, ସୁନିଲ ଗୋଚ୍ଛି, ଚିନ୍ମୟ ରାଉତ ଓ ସୁର ନାରାୟଣ ବାରିକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ଆଇଏଏସ୍ ପାଇଲେ ରେଭେନ୍‌ଶାର ପୂର୍ବତନ ଛାତ୍ରୀ

**କଟକ ଅଫିସ,୫।୪**



ଅନ୍ୟା ଦାସ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ୨୦୧୬ ଶିକ୍ଷାବର୍ଷରେ ଇଂରାଜୀ ପାଠ୍ୟକ୍ରମରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଅନ୍ୟା ଦାସ ଆଇଏଏସ୍ ପାଇଛନ୍ତି। ମେଧାବୀ ଛାତ୍ରୀ ଅନ୍ୟାଙ୍କ ଏହି ସଫଳତା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଅନ୍ୟା ୨୦୧୬ରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ପରୀକ୍ଷାରେ ୫୭୯ ର୍ୟାଙ୍କ ରଖି ରେଲୱେ ବିଭାଗରେ କାର୍ଯ୍ୟ କରୁଥିଲେ। ଚଳିତଥର ସେ ଶ୍ରେଷ୍ଠ ୧୦୦ତମ ସ୍ଥାନ ମଧ୍ୟରେ ତଥା ୬୦ତମ ସ୍ଥାନରେ ରହିଛନ୍ତି। ପିତା ଇନ୍ଦୁଭୂଷଣ ଭୂୟାଁ ଓ ମାଆ ସୀମା ଦାସଙ୍କ ଝିଅ ଅନ୍ୟାଙ୍କ ଘର ଜଗତ୍‌ସିଂହପୁରର ତୋଟାପଡ଼ା ଅଞ୍ଚଳରେ। ସୋସିଆଲ ମିଡ଼ିଆରେ ସମୟ ନଷ୍ଟ କରିବା ଅପେକ୍ଷା ଯୁବପିଢି ନିଜ କ୍ୟାରିୟର ଗଢ଼ିବା ପାଇଁ ପୁସ୍ତକରେ ଅଧିକ ସମୟ ଦେବା ଆବଶ୍ୟକ ବୋଲି ଅନ୍ୟା କହିଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେ କାର୍ଯ୍ୟ କରିବେ ବୋଲି କହିଥିଲେ।

# ଯୁବକ କୋର୍ଟ ଚାଲାଣ

**ସାଲେପୁର, ୫।୪ (ଡ଼ି.ଏନ୍.ଏ)**

ସାଲେପୁର ବ୍ଲକ ଅନ୍ତର୍ଗତ ଜପକୁଦ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବକ ଗତ ଏପ୍ରିଲ ୨ରେ ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ସାଲେପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଜପକୁଦ ଫାଣ୍ଡିରେ ମାମଲା (ନଂ–୭୬/୧୯)ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଅବଦୁଲ୍ ଅନୱାର୍ (୨୫)। ଏଥିସହ ପୀଡିତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରୀମାଇନା କରାଯାଇଛି। ସୂଚନା ଅନୁଯାୟୀ, ନାବାଳିକାଙ୍କୁ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କ୍ରିଷ୍ଣାନନ୍ଦପୁର ଫାଣ୍ଡି ଅଧୀନ ବିଳିବିଶି ନିର୍ମାହାଲା ଗ୍ରାମରେ ରଖାଯାଇଥିବା ନେଇ ଗୁରୁବାର କୌଣସି ସୂତ୍ରରୁ ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣ କବାଟଙ୍କୁ ସୂଚନା ମିଳିଥିଲା। ଏହାପରେ ସଦଳବଳେ ସେଠାରେ ଚଢ଼ାଉ କରାଯାଇ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଫାଣ୍ଡି ଅଧିକାରୀ ଦକ୍ଷିଣକବାଟ ସୂଚନା ଦେଇଛନ୍ତି।

## ଭାଜପାରେ ମିଶିଲେ ବିଜେଡି କର୍ମୀ

**ରଘୁନାଥପୁର, ୫।୪ ଡି.ଏନ.ଏ.)**

ତିର୍ତ୍ତୋଲ ଭାଜପା ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ଶୁକ୍ରବାର ରଘୁନାଥପୁର ବ୍ଲକ ନାଲିବର ଅଞ୍ଚଳରେ ପ୍ରଚାର କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ଆସ୍ଥା ପ୍ରକଟ କରି ଛପଡା ଓ ଏରଡଙ୍ଗା ପଞ୍ଚାୟତର ୧୦ ବିଜେଡି କର୍ମୀ ପ୍ରଫେସର ଭୋଇଙ୍କ ଉପସ୍ଥିତିରେ ଭାଜପାରେ ମିଶିଥିଲେ। ବସନ୍ତ ବାରିକ, ପ୍ରମୋଦ ନାୟକଙ୍କ ସମେତ ସମସ୍ତ ଯୋଗଦାନ କରିଥିବା କର୍ମୀଙ୍କୁ ପ୍ରଫେସର ଭୋଇ ଦଳୀୟ ଉତ୍ତରୀୟ ଓ ଟୋପି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ ସମସ୍ତ ଶ୍ରେୟ ଦଳର ମୁଖ୍ୟ ତଥା ପ୍ରଧାନମନ୍ତ୍ରୀ ମୋଦିଙ୍କ ଯୋଗୁ ସମ୍ଭବ ହେଉଥିବାର ପ୍ରକାଶ କରିଥିଲେ। ମଣ୍ଡଳର ସମସ୍ତ କାର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମର ପ୍ରତିଫଳନ ସ୍ୱରୂପ ପ୍ରାୟ ପ୍ରତ୍ୟେକ ଦିନ ଅଞ୍ଚଳରେ ଭାଜପାର ଶକ୍ତି ବୃଦ୍ଧି ଘଟୁଛି ବୋଲି ଭୋଇ କହିଥିଲେ। ମିଶ୍ରଣ ପର୍ବରେ ନିର୍ବାଚନମଣ୍ଡଳୀ ସଂଯୋଜକ ଦିଲୀପ କୁମାର ସ୍ୱାଇଁ, ମଣ୍ଡଳ ସଭାପତି ଆଶୋକ ନାୟକ, ସୋମାଶୁଂ ଜେନା, ସଚ୍ଚିକାନ୍ତ ବାରିକ, ଲୋଭେନ୍ଦ୍ର ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ କର୍ମୀମାନେ ଭାଜପା ପ୍ରାର୍ଥୀ ଭୋଇଙ୍କ ଲାଗି ପ୍ରଚାର କରିଥିଲେ।

# ଅଫିସର ନୁହେଁ, ସେବକ ହୁଅନ୍ତୁ: ସୋମାଲିନ

**କଟକ ଅଫିସ, ୫।୪**



ସୋମାଲିନ୍ ଶୁଭଦର୍ଶିନୀ

କଟକର ଅତିରିକ୍ତ ତହସିଲଦାର ସୋମାଲିନ ଶୁଭଦର୍ଶିନୀ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶୁକ୍ରବାର ପ୍ରକାଶ ପାଇଥିବା ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ଫଳରେ ସୋମାଲିନ ୪୭୮ ର୍ୟାଙ୍କ ରଖିଛନ୍ତି। ଫେବୃୟାରୀରୁ ସେ କଟକରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ସୋମାଲିନଙ୍କ ଘର ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ଅଞ୍ଚଳରେ। ବାପା ବିପିନ ବିହାରୀ ବାରିକ ଓ ମାଆ ନଳିନୀ ବାରିକ ଶିକ୍ଷକତା କରନ୍ତି। ତିନି ଭଉଣୀ ମଧ୍ୟରୁ ସୋମାଲିନ ହେଉଛନ୍ତି ମଝିଆ କନ୍ୟା। ଅନୁଗୋଳରେ ସ୍କୁଲ ଶିକ୍ଷା ଶେଷ ପରେ ସାରଙ୍ଗରେ ଇଲେକ୍ଟ୍ରୋନିକ୍ସ ଟେଲି କମ୍ୟୁନିକେସନ ପାଠ୍ୟକ୍ରମରେ ଇଞ୍ଜିନିୟରିଂ ଶେଷ କରିଥିଲେ। ପରେ ଭୁବନେଶ୍ୱରରେ ଥିବା ଟିସିଏସ୍ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ ମଧ ପ୍ରଶାସନିକ ସେବାରେ ଯୋଗ ଦେବାର ଲକ୍ଷ୍ୟ ତାଙ୍କୁ ଶୁଆଇ ଦେଇ ନ ଥିଲା ବୋଲି କହିଛନ୍ତି। ଇଞ୍ଜିନିୟର ହୋଇ ମଧ ସେ ପ୍ରଶାସନିକ ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରିଥିଲେ। ଓଡ଼ିଶା ପ୍ରଶାସନିକ ସେବା–୨୦୧୬ରେ ସଫଳପୂର୍ଣ୍ଣ ଭାବେ କୃତକାର୍ଯ୍ୟ ହୋଇଥିଲେ। ପରେ ଭାରତୀୟ ପ୍ରଶାସନିକ ସେବା ନିମନ୍ତେ ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ। ଆଇଏସ୍ ପାଇଁ ପ୍ରସ୍ତୁତ ହେଉଥିବା ବିଦ୍ୟାର୍ଥୀଙ୍କ ନିମନ୍ତେ କହିଥିଲେ, ପ୍ରଶାସନିକ ସେବାରେ ଯୋଗଦେଲେ ଜଣେ ସେବକ ଭାବେ କାର୍ଯ୍ୟ କରନ୍ତୁ। ନିଜକୁ ଅଫିସର ବୋଲି ଭାବନ୍ତୁ ନାହିଁ। ମୁଁ ସେବକ ଭାବେ ନିଜ କ୍ୟାରିୟର ଉତ୍ସର୍ଗ କରିବି।

# ଆଇନ ସଚେତନତା ଶିବିର




ଆଇନ ସଚେତନତା ଶିବିରରେ ଯୋଗ ଦେଇଥିବା ଅତିଥି।

**ବାଙ୍କୀ, ୫।୪ (ସ୍ୱ.ପ୍ର.)**

ବାଙ୍କୀ ଉପକାରାଗାରରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ଏକ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ସିନିୟର ଡିଭିଜନ ସିଭିଲ ଜଜ୍ ମୋନାଲିସା ମହାନ୍ତି ଉଦ୍‌ଘାଟନ କରିଥିଲେ। ଉପଖଣ୍ଡ ବିଚାର ବିଭାଗ ମାଜିଷ୍ଟ୍ରେଟ୍ ଡ.ମମତା ମହାନ୍ତି ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଅନ୍ତେବାସୀମାନଙ୍କ ନିମନ୍ତେ ଥିବା ଆଇନଗତ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ଉପକାରାଗାର ଅଧୀକ୍ଷକ ପ୍ରସନ୍ନ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଆଡ୍‌ଭୋକେଟ ଜିତେନ୍ କୁମାର ପଣ୍ଡା ଶିବିରରେ ଅଧ୍ୟକ୍ଷତା କରି ଆଇନ ସମ୍ପର୍କରେ ଅନ୍ତେବାସୀମାନଙ୍କୁ ଅବଗତ କରାଇଥିଲେ। ଆଇନ ସହାୟକ କୃଷ୍ଣଚନ୍ଦ୍ର ମହାପାତ୍ର ଏଥିରେ ଯୋଗଦେଇ ବନ୍ଦୀଙ୍କ ଆଇନଗତ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ।

# ସାଧାରଣ ନିର୍ବାଚନ ପାଇଁ ୮ ପର୍ଯ୍ୟବେକ୍ଷକ ନିଯୁକ୍ତ

**କଟକ ଅଫିସ, ୫।୪**

କଟକ ଜିଲାରେ ଚଳିତ ସାଧାରଣ ନିର୍ବାଚନ ପରିଚାଳନା ଓ ତଦାରଖ ନିମନ୍ତେ ୮ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ବାରବାଟୀ–କଟକ, ଚୌଦ୍ୱାର–କଟକ ଓ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଏ.କେ. ସିଂହ(ଟେଲିଫୋନ ନଂ. ୬୩୭୨୪୮୦୬୮୬), ବଡମ୍ବା, ବାଙ୍କୀ ଓ ଆଠଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନରେଶ ଜୀ (ଟେଲିଫୋନ୍ ନଂ. ୬୩୭୨୬୮୫୩୨୯), କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ କୁମାରୀ ଆର. ଦୀପିକା ଅରୋରା (ଟେଲିଫୋନ୍ ନଂ.୬୩୭୨୯୦୮୪୬୨), ସାଲେପୁର, ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଅନୁପମ ରାଜ (ଟେଲିଫୋନ୍ ନଂ. ୬୩୭୨୯୦୮୪୬୩), ଆଠଗଡ, କଟକ ସଦର, ବାରବାଟୀ–କଟକ, ଚୌଦ୍ୱାର–କଟକ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଆନନ୍ଦରାଓ ବିଷ୍ଣୁ ପାଟିଲ (ଟେଲିଫୋନ୍ ନଂ.୬୩୭୨୯୦୮୪୬୦), କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ପ୍ରସାଦ ଚଭନ (ଟେଲିଫୋନ୍ ନଂ.୬୩୭୨୯୦୮୪୬୪), ବଡମ୍ବା, ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଏ. ଭି. କାଲନା (ଟେଲିଫୋନ୍ ନଂ.୬୩୭୨୯୦୮୪୬୫) ନିଯୁକ୍ତି ପାଇଛନ୍ତି। ଅନ୍ୟପକ୍ଷରେ ବଡମ୍ବା, ବାଙ୍କୀ, ଆଠଗଡ, କଟକ ସଦର, ଚୌଦ୍ୱାର–କଟକ,ବାରବାଟୀ–କଟକ ଓ କଟକ ଲୋକ ସଭା ନିର୍ବାଚନ ମଣ୍ଡଳୀ ପାଇଁ ପୋଲିସ ପର୍ଯ୍ୟବେକ୍ଷକ ଅଶୋକ କୁମାର ଗୁପ୍ତା( ଟେଲିଫୋନ ନଂ. ୬୩୭୨୯୦୮୪୫୮)ଙ୍କୁ ନିଯୁକ୍ତି ଦିଆଯାଇଛି । ନିର୍ବାଚନ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଥିଲେ, ଉପରୋକ୍ତ ଟେଲିଫୋନ ନମ୍ବରରେ ଯୋଗାଯୋଗ କରିବାକୁ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

# କଂଗ୍ରେସ କର୍ମୀ ବୈଠକ, ମିଶ୍ରଣ ପର୍ବ

**ରଘୁନାଥପୁର, ୫।୪ ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କଂଗ୍ରେସ ପକ୍ଷରୁ ଜୋନ–୨ ସଭାପତି ସର୍ବେଶ୍ୱର ପଣ୍ଡାଙ୍କ ପୌରୋହିତ୍ୟରେ ଶୁକ୍ରବାର ବୈଠକ ହୋଇଥିଲା। ଏଥିରେ ରାଢଙ୍ଗ ପଞ୍ଚାୟତର ୨୦ ବିଜେଡି କର୍ମୀ ଦଳ ତ୍ୟାଗ କରି କଂଗ୍ରେସରେ ଯୋଗଦାନ କରିଛନ୍ତି। ଧଳତଙ୍ଗଗଡ ଜଙ୍ଗଲରେ ଆୟୋଜିତ ବୈଠକରେ କିଶୋର ବେହେରା ଯୋଗଦେଇ ଆଗାମୀ ନିର୍ବାଚନ ସମ୍ପର୍କିତ ତଥ୍ୟ ରଖିଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟଦକ୍ଷତା ତଥା ଯୁବ ନେତୃତ୍ୱକୁ ଭଲ ପାଇ ସ୍ଥାନୀୟ ରାଢଙ୍ଗ ପଞ୍ଚାୟତର ଗୌରାଙ୍ଗ ଚରଣ ଜେନା, ଚର୍ତୁବେଦ ରାଉତ, ନିରଞ୍ଜନ ନାୟକ, ଜଗବନ୍ଧୁ ସେଠୀ, ଧୀରେନ୍ଦ୍ରନାଥ ସ୍ୱାଇଁ, ପଞ୍ଚାନନ ସେଠୀ, ଆଶିଷ ବାରିକ, ଅଲେଖ ଦାସଙ୍କ ସମେତ ବିଜେଡି କର୍ମୀମାନେ କଂଗ୍ରେସରେ ଯୋଗଦାନ କରିଥିଲେ।

**ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଦ୍ୱିତୀୟ ସନ୍ଧ୍ୟା**

# ଆଧ୍ୟାତ୍ମିକ ସଙ୍ଗଠନର ମୂଳଭିତ୍ତି ହେଉଛି ଏକ ଆତ୍ମକୈନ୍ଦ୍ରିକ ସମାଜ

**କଟକ ଅଫିସ, ୫।୪**




ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ଆଲୋକ ପାଣ୍ଡେ ଉଦ୍‌ବୋଧନ ଦେଉଛନ୍ତି।

ଧର୍ମଭିତ୍ତିକ ସମାଜ ବାହ୍ୟ କାର୍ଯ୍ୟକଳାପକୁ ଗୁରୁତ୍ୱ ଦେଉଥିବା ବେଳେ ଆଧ୍ୟାତ୍ମିକ ସମାଜ ମନୁଷ୍ୟର ଆନ୍ତରିକ ପ୍ରେରଣାକୁ ପ୍ରାଧାନ୍ୟ ଦେଇଥାଏ। ମନୁଷ୍ୟର ଆତ୍ମା ପ୍ରଥମେ ବ୍ୟକ୍ତିକୁ ଏବଂ ପରେ ସମଗ୍ର ସଂସାରକୁ ପରିଚାଳନା କରିବ। ସାମୂହିକ ଭାବେ ଯୋଗସାଧନା କଲେ ମାନବ ଜାତି ପାଇଁ ଭଗବାନଙ୍କ ମହାନ କଳ୍ପନାର ଆଧ୍ୟାତ୍ମିକ ସମାଜ ଗଠିତ ହୋଇପାରିବ। ସ୍ଥାନୀୟ ମାତୃଭବନଠାରେ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଏଭଳି ମତ ପ୍ରକାଶ ପାଇଛି। ଗଦାଧର ମିଶ୍ରଙ୍କ ପୌରୋହିତ୍ୟ ଓ ପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ 'ଆଧ୍ୟାତ୍ମିକ ସମାଜର ପ୍ରାରମ୍ଭିକ ସଙ୍ଗଠନ' ଶୀର୍ଷକ ଆଲୋଚନାରେ ଭାଗ ନେଇ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ଡ. ଆଲୋକ ପାଣ୍ଡେ କହିଥିଲେ, ଆଧ୍ୟାତ୍ମିକ ସଙ୍ଗଠନର ମୂଳଭିତ୍ତି ହେଉଛି ଏକ ଆତ୍ମାକୈନ୍ଦ୍ରିକ ସମାଜ। ସମାଜରେ ବ୍ୟକ୍ତି ଅହଂଶୂନ୍ୟ ଭାବେ ସ୍ୱେଚ୍ଛାକୃତ ଭଗବତ ସେବକ ହେବା ସର୍ବନିମ୍ନ ସର୍ତ୍ତ ହୋଇଥାଏ। ଏହି ସମାଜ ଗଠନରେ ବ୍ୟକ୍ତି କାର୍ଯ୍ୟ କରିବାର ଦକ୍ଷତା ଓ ସାମର୍ଥ୍ୟ ଉପରେ ନିର୍ଭର କରେନାହିଁ। କଲିକତାରୁ ଆସିଥିବା ଅନ୍ୟତମ ବକ୍ତା ଅଧ୍ୟାପକ ବିଶ୍ୱନାଥ ରାୟ କହିଥିଲେ, ଯେତେବେଳେ ବ୍ୟକ୍ତି ଏକ କେନ୍ଦ୍ରବିନ୍ଦୁ ହୋଇ ତା' ପରିବାର ବା କୌଣସି ସଙ୍ଗଠନର କାର୍ଯ୍ୟ କରେ, ସେହି ସମୟରେ ସେ ସଙ୍ଗଠନର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥାଏ। ବାସ୍ତବରେ ଏହା ହିଁ ଆଧ୍ୟାତ୍ମିକ ସଂଗଠନର ପ୍ରାରମ୍ଭିକ କାର୍ଯ୍ୟ। ଡ. ସରୋଜକାନ୍ତ ମିଶ୍ର କହିଥିଲେ, ପୃଥିବୀ ପୃଷ୍ଠରେ ଅନେକ ସଭ୍ୟତା ସୃଷ୍ଟି ହୋଇ ପରେ ଧ୍ୱଂସ ହୋଇଯାଇଛି। କାରଣ ଏସବୁ ସଭ୍ୟତା କେବଳ ମନୋସ୍ତରରେ ହିଁ ସୃଷ୍ଟି ହୋଇଥିଲା। ପ୍ରାରମ୍ଭରେ କୁମାରୀ ନମିତା ନାୟକ ଆବାହନୀ ସଙ୍ଗୀତ ଗାନ କରିଥିବାବେଳେ ଶ୍ରୀଅରବିନ୍ଦ କଳାକେନ୍ଦ୍ରର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଅନ୍ୟଠାରୁ ଯାହା ଉପକାର ପାଇଲ, ତାକୁ ଭୁଲିଯିବା ଉଚିତ ନୁହେଁ କି ଅନ୍ୟ ପ୍ରତି କରିଥିବା ଉପକାର କଥା ଆଦୌ ମନେ ପକାଇବା ଉଚିତ ନୁହେଁ। - ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ୨ ବ୍ୟାଙ୍କର ଏଟିଏମ୍ ଅଚଳ

**କଟକ ସଦର, ୫।୪(ଡି.ଏନ୍.ଏ.):** କଟକ-ପାରାଦୀପ ରାସ୍ତାପାର୍ଶ୍ୱ କନ୍ଦରପୁର ବଜାରରେ ଥିବା ଦୁଇଟି ରାଷ୍ଟ୍ରାୟତ ବ୍ୟାଙ୍କର ଏଟିଏମ୍ ୧ ମାସ ହେବ ଅଚଳ ଅବସ୍ଥାରେ ରହିଛି। ଏଥିଯୋଗୁ ଆଖପାଖ ୨୦ଟି ପଞ୍ଚାୟତର ଲୋକମାନେ ହଇରାଣ ହେଉଛନ୍ତି। ଷ୍ଟେଟ୍ବ୍ୟାଙ୍କ ଅଫ ଇଣ୍ଡିଆ ଓ ବ୍ୟାଙ୍କ ଅଫ ଇଣ୍ଡିଆର ଏଟିଏମ୍ ଏକ ସଙ୍ଗରେ ଅଚଳ ଥିବାରୁ ଆକାଉଣ୍ଟଧାରୀମାନଙ୍କୁ ସୋମପୁର ଓ କଟକ ସହରର ଏଟିଏମ୍ ଉପରେ ନିର୍ଭର କରିବାକୁ ପଡୁଛି। ଏ ସମ୍ପର୍କରେ ସ୍ଥାନୀୟ ବ୍ୟାଙ୍କ ଶାଖା ପରିଚାଳକଙ୍କ ନିକଟରେ ଅଭିଯୋଗ ହୋଇଛି। ଅବଶ୍ୟ ଏଟିଏମ୍ ପରିଚାଳନା ଅନ୍ୟ ସଂସ୍ଥା ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ ଶାଖା ପରିଚାଳକମାନେ ଅସହାୟ ହୋଇପଡିଥିବା ଜଣାପଡିଛି। ଆସନ୍ତା ୧ ସପ୍ତାହ ମଧ୍ୟରେ ଏଟିଏମ୍ଦ୍ୱୟକୁ କାର୍ଯ୍ୟକ୍ଷମ କରା ନ ଗଲେ ଗ୍ରାହକମାନେ ବ୍ୟାଙ୍କ ଶାଖା ସମ୍ମୁଖରେ ଧାରଣାରେ ବସିବେ ବୋଲି ପରିଚାଳକଙ୍କୁ ଲିଖିତ ଆକାରରେ ଅବଗତ କରାଯାଇଥିବା ଜଣାପଡିଛି।

### ଭାଜପାର ବାଇକ୍ ଶୋଭାଯାତ୍ରା

**କଟକ ଅଫିସ, ୫।୪:** ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ଭାଜପା ବିଧାୟକ ପ୍ରାର୍ଥୀ ସମୀର ଦେ ବାଇକ୍ ଶୋଭାଯାତ୍ରାରେ ପ୍ରଚାର କରିଥିଲେ। ସେ ସୁଭଦ୍ରାନଗର ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ନୂଆସାହି, ଗୋପାଳ ସାହି, କୁମ୍ଭାର ସାହି, ପାଟରା ସାହି, ଦୋଳମଣ୍ଡପ ଛକ ଦେଇ ବାସଲୀ ମନ୍ଦିର ଛକ ଠାରେ ପହଞ୍ଚିଥିଲେ। ଏଥିସହ ଘର ଘର ବୁଲି ନିଜ ସପକ୍ଷରେ ଭୋଟ୍ ଦେବା ପାଇଁ ଲୋକମାନଙ୍କୁ କହିଥିଲେ। କେନ୍ଦ୍ର ସରକାରଙ୍କ ସଫଳତା, ରାଜ୍ୟ ସରକାରଙ୍କ ବିଫଳତା ଓ କଟକବାସୀଙ୍କ ପ୍ରତି ଅବହେଳା ନେଇ ଜନସାଧାରଣଙ୍କ ନିକଟତର ହେବାକୁ ସେ ଏହି ଯାତ୍ରା ଆରମ୍ଭ କରିଛନ୍ତି। ଏହି ଯାତ୍ରାରେ ନଗର ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ନିବେଦିତା ପ୍ରଧାନ, ପ୍ରଦୀପ ସ୍ୱାଇଁ, ରାଜେନ୍ଦ୍ର ସାମଲ, ଗୀତାରାଣୀ ଦାସ, ଦେବାଶିଷ ଘୋଷ, ସୁକାନ୍ତ ସିଂ, ଜ୍ୟୋତିରଞ୍ଜନ ପଲ୍ଲାଇ, ସଞ୍ଜୁକ୍ତା ମହାପାତ୍ରଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

### ଛାତ୍ର କଂଗ୍ରେସର କର୍ମୀ ସମାବେଶ

**କଟକ ଅଫିସ, ୫।୪:** ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ସ୍ଥାନୀୟ କଳିଙ୍ଗ ଗେଷ୍ଟ ହାଉସ ଠାରେ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ ନିରଞ୍ଜନ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଇଂ. ମହମ୍ମଦ ମୋକିମଙ୍କୁ ବିଜୟୀ କରିବା ପାଇଁ ବୁଥସ୍ତରରେ ଛାତ୍ର କଂଗ୍ରେସ କର୍ମୀମାନେ ଜନସାଧାରଣଙ୍କ ସହ ସମ୍ପର୍କ ରଖିବା ଲାଗି ଆହ୍ୱାନ ଦିଆଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଇଂ. ମୋକିମ ଯୋଗ ବୁଥ୍ ଓ ସାହିବସ୍ତିଗୁଡିକ ପ୍ରତି ଯତ୍ନବାନ ରହିବାକୁ ପରାମର୍ଶ ଦେବା ସହିତ ଆଗାମୀ ୨୩ ତାରିଖ ନିର୍ବାଚନରେ ଆମ ପ୍ରତି ନିଶ୍ଚିତ ଭାବେ ଜନସମର୍ଥନ ରହିବ ବୋଲି କହିଥିଲେ।

### ହାତୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଖାଲକୁ ଡେଇଁପଡ଼ିଲେ: ବୃଦ୍ଧ ଗୁରୁତର

**ଖୁଣ୍ଟୁଣୀ,୫।୪(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ଡାଳଭାଗ ଗ୍ରାମର ଭାସ୍କର ବେହେରା ଶୁକ୍ରବାର ହାତୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଏକ ଖାଲକୁ ଡେଇଁପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମାତ୍ର ତାଙ୍କ ସାଇକେଲକୁ ହାତୀ ଭାଙ୍ଗି ଦେଇଛି। ଶୁକ୍ରବାର ସକାଳେ ଭାସ୍କର ତାଙ୍କ ପୁଅକୁ ଘଣ୍ଟିଖାଲ ରେଲଓ୍ୱେ ଷ୍ଟେଶନରେ ଛାଡି ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଦନ୍ତା ହାତୀକୁ ଦେଖି ସାଇକେଲ ଫିଙ୍ଗି ଜଙ୍ଗଲ ମଧ୍ୟକୁ ପଳାଇଥିଲେ। ହାତୀ ଉକ୍ତ ସାଇକେଲକୁ ଭାଙ୍ଗିବା ସହ ଭାସ୍କରଙ୍କ ପଛରେ ପଡିଥିଲା। ଜୀବନ ବଞ୍ଚାଇବା ପାଇଁ ଭାସ୍କର ଏକ ଖାଲକୁ ଡେଇଁପଡିଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ଛାତିରେ ଆଘାତ ଲାଗିଥିଲା। ହାତୀ ପଳାଇଯିବା ପରେ ଭାସ୍କର ଖାଲରୁ ବାହାରି ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ଫେରିଥିଲେ। ଗୁରୁତର ଅବସ୍ଥାରେ ଭାସ୍କରଙ୍କୁ ପ୍ରଥମେ ଆଠଗଡ ଡାକ୍ତରଖାନା ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଆଠଗଡ଼ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ନାୟକ କୁହନ୍ତି, ଭାସ୍କରଙ୍କ ଚିକିତ୍ସା ପାଇଁ ସହାୟତା ଦିଆଯିବା ସହିତ ସାଇକେଲ ପ୍ରଦାନ କରାଯିବ।

# ବାଣିପଦାରେ ଗୋଷ୍ଠୀ ସଂଘର୍ଷ: ୨୫ ଗିରଫ

**ଚୌଦ୍ୱାର,୫।୪(ଡି.ଏନ୍.ଏ.**

ଚୌଦ୍ୱାର ଥାନା ଅଧୀନ ବାଣୀପଦା ପଞ୍ଚାୟତରେ ଶୁକ୍ରବାର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୩ଜଣ ପୋଲିସ କର୍ମଚାରୀ ଆହତ ହୋଇଥିବାବେଳେ ଉଭୟ ଗୋଷ୍ଠୀର ୧୦ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ.୧୧୭/୧୯)ରୁଜୁ କରି ଉଭୟ ଗୋଷ୍ଠୀର ୨୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ହୋଲିରେ ବାଣୀପଦା ପଞ୍ଚାୟତର ମଲ୍ଲିକସାହି ଓ ଷାଠିଏଘରିଆସାହିର କେତେଜଣ ଯୁବକଙ୍କ ମଧ୍ୟରେ କମେଣ୍ଟମରାକୁ ନେଇ ସଂଘର୍ଷ ହୋଇଥିଲା। ପୁଣି ଗତ ୨ତାରିଖରେ ଗଣ୍ଡଗୋଳ ହୋଇଥିଲା। ଏହାର ସମାଧାନ ପାଇଁ ସ୍ଥାନୀୟ ଏକ ମନ୍ଦିରରେ ବୈଠକ ବସିଥିଲା। କିନ୍ତୁ ବୈଠକରେ କୌଣସି ସମାଧାନ ହୋଇପାରି ନ ଥିବା ଗ୍ରାମବାସୀ କହିଛନ୍ତି। ଗୁରୁବାର ରାତିରେ ଉଭୟ ଗୋଷ୍ଠୀର କେତେଜଣ ଯୁବକ ବାଣୀପଦାରେ ହେଉଥିବା ଯାତ୍ରା ଦେଖିବାକୁ ଆସିଥିଲେ। ଶୁକ୍ରବାର ଭୋରରୁ ଯାତ୍ରା ସରିବା ପରେ

**୩ ପୋଲିସ କର୍ମଚାରୀଙ୍କ ସମେତ ୧୩ ଆହତ**

ଉଭୟ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ପୁଣି ଆରମ୍ଭ ହୋଇଥିଲା କମେଣ୍ଟମରା। ପରେ ଏହା ଉଗ୍ରରୂପ ନେଇଥିଲା। ଆରମ୍ଭ ହୋଇଥିଲା ଢେଲା ଓ ପଥର ମାଡ଼। ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚିଥିବା ବେଳେ ଗଣ୍ଡଗୋଳରୁ ନିବୃତ୍ତ ରହିବା ବଦଳରେ ଉଭୟ ଗୋଷ୍ଠୀର ଯୁବକମାନେ ଓଲଟି ପୋଲିସ ଉପରକୁ ଆକ୍ରମଣ କରିଥିଲେ। ଏହି ସଂଘର୍ଷରେ ଚୌଦ୍ୱାର ଥାନା ଆଇଆଇସି ପଦ୍ମନାଭ ପ୍ରଧାନଙ୍କ ମୁଣ୍ଡ ଫାଟିବା ସହିତ ୨ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଚୌଦ୍ୱାର ପୋଲିସ ୪୦ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନଙ୍କ ମଧ୍ୟରୁ ୨୫ଜଣଙ୍କ ବିରୋଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲେ। ଅନ୍ୟପକ୍ଷରେ ଏନେଇ ଆଇଆଇସି ପ୍ରଧାନ କୁହନ୍ତି, ଗଣ୍ଡଗୋଳକାରୀମାନେ ମଦ୍ୟପାନ କରିଥିବାରୁ ଏପରି ପରିସ୍ଥିତି ଉପୁଜିଥିଲା। ଏହି ଘଟଣାରେ ସମ୍ପୃକ୍ତି ଥିବା ଅନ୍ୟମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି।



କଟକ ରାଣୀହାଟ ପୂଜା ମଣ୍ଡପରେ ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାରେ ଜଣେ ଶିଳ୍ପୀ ଖଡ଼ି ପ୍ରଲେପ ଦେଉଛନ୍ତି।

## ଆଇଏଏସ୍ ପାଇଲେ ରେଭେନ୍ସାର ପୂର୍ବତନ ଛାତ୍ରୀ

**କଟକ ଅଫିସ,୫।୪**



ରେଭେନ୍ଶା ବିଶ୍ୱବିଦ୍ୟାଳୟରୁ ୨୦୧୬ ଶିକ୍ଷାବର୍ଷରେ ଇଂରାଜୀ ପାଠ୍ୟକ୍ରମରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଅନ୍ୟା ଦାସ ଆଇଏଏସ୍ ପାଇଛନ୍ତି। ମେଧାବୀ ଛାତ୍ରୀ ଅନ୍ୟାଙ୍କ ଏହି ସଫଳତା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଅନ୍ୟା ୨୦୧୬ରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ପରୀକ୍ଷାରେ ୫୭୯ ର୍ୟାଙ୍କ ରଖି ରେଲୱେ ବିଭାଗରେ କାର୍ଯ୍ୟ କରୁଥିଲେ। ଚଳିତଥର ସେ ଶ୍ରେଷ୍ଠ ୧୦୦ତମ ସ୍ଥାନ ମଧ୍ୟରେ ତଥା ୬୦ତମ ସ୍ଥାନରେ ରହିଛନ୍ତି। ପିତା ଇନ୍ଦୁଭୂଷଣ ଭୂୟାଁ ଓ ମାଆ ସୀମା ଦାସଙ୍କ ଝିଅ ଅନ୍ୟାଙ୍କ ଘର ଜଗତ୍ସିଂହପୁରର ତୋଟାପଡ଼ା ଅଞ୍ଚଳରେ। ସୋସିଆଲ ମିଡ଼ିଆରେ ସମୟ ନଷ୍ଟ କରିବା ଅପେକ୍ଷା ଯୁବପିଢି ନିଜ କ୍ୟାରିୟର ଗଢ଼ିବା ପାଇଁ ପୁସ୍ତକରେ ଅଧିକ ସମୟ ଦେବା ଆବଶ୍ୟକ ବୋଲି ଅନ୍ୟା କହିଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେ କାର୍ଯ୍ୟ କରିବେ ବୋଲି କହିଥିଲେ।

## ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା

## ଜେଲ୍ ଗଲେ ଏନ୍କାଉଣ୍ଟରର ଶିକାର ହୋଇଥିବା ମନୁଆ

**କଟକ ଅଫିସ, ୫।୪**

ମାଲଗୋଦାମ ଅଞ୍ଚଳରେ ଚିନି ବ୍ୟବସାୟୀ ଦାମୋଦର ଭଇଂଶଙ୍କାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ଅଭିଯୁକ୍ତ ଜଗତ୍ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ବୀରକିଶୋରପୁର ଅଞ୍ଚଳର ମନୋଜ କୁମାର ସ୍ୱାଇଁ ଓରଫ୍ ମନୁଆ(୨୮)ଙ୍କୁ ଗତ ମାର୍ଚ୍ଚ ୧୯ ତାରିଖରେ ପୋଲିସ ଏନ୍କାଉଣ୍ଟର କରିଥିଲା। ସେବେଠାରୁ ସେ ଏସ୍ସିବି ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ଶୁକ୍ରବାର ତାଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି। ଗତ ମାର୍ଚ୍ଚ ୧୬ ତାରିଖ ବିଳମ୍ବିତ ରାତିରେ ଦାମୋଦର ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ମନୁଆ ତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଦାମୋଦରଙ୍କ ପୁତୁରାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୫୯/୧୯) ରୁଜୁ କରିଥିଲା। ଗତ ମାର୍ଚ୍ଚ ୧୯ ତାରିଖରେ ପୋଲିସ ଉପରକୁ ବୋମା ପକାଇ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ମନୁଆଙ୍କୁ ଏନ୍କାଉଣ୍ଟର କରିଥିଲା।

## 'ଅଫିସର ନୁହେଁ, ସେବକ ହୁଅନ୍ତୁ'

**କଟକ ଅଫିସ, ୫।୪**





କଟକର ଅତିରିକ୍ତ ତହସିଲଦାର ସୋମାଲିନ ଶୁଭଦର୍ଶିନୀ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶୁକ୍ରବାର ପ୍ରକାଶ ପାଇଥିବା ଭାରତୀୟ ପ୍ରଶାସନିକ ସେବା-୨୦୧୮ ପରୀକ୍ଷା ଫଳରେ ସୋମାଲିନ ୪୭୮ ର୍ୟାଙ୍କ ରଖିଛନ୍ତି। ଗତ ଫେବୃୟାରୀ ମାସରୁ ସେ କଟକରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ସୋମାଲିନଙ୍କ ଘର ଜଗତ୍ସିଂହପୁର ଜିଲାର ତିର୍ତ୍ତୋଲ ଅଞ୍ଚଳରେ। ବାପା ବିପିନ ବିହାରୀ ବାରିକ ଓ ମାଆ ନଳିନୀ ବାରିକ ଉଭୟ ଶିକ୍ଷକତା କରନ୍ତି। ତିନି ଭଉଣୀ ମଧ୍ୟରୁ ସୋମାଲିନ ହେଉଛନ୍ତି ମଝିଆ କନ୍ୟା। ଅନୁଗୋଳରେ ସ୍କୁଲ ଶିକ୍ଷା ଶେଷ କରିବା ପରେ ସାରଙ୍ଗରେ ସେ ଇଲେକ୍ଟ୍ରୋନିକ୍ସ ଟେଲି କମ୍ୟୁନିକେସନ ପାଠ୍ୟକ୍ରମରେ ଇଞ୍ଜିନିୟରିଂ ପାଠପଢ଼ା ଶେଷ କରିଥିଲେ। ପରେ ଭୁବନେଶ୍ୱରରେ ଥିବା ଟିସିଏସ୍ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରଶାସନିକ ସେବାରେ ଯୋଗ ଦେବାର ଲକ୍ଷ୍ୟ ତାଙ୍କୁ ଶୁଆଇ ଦେଇ ନ ଥିଲା ବୋଲି ସୋମାଲିନ କହିଛନ୍ତି। ଇଞ୍ଜିନିୟର ହୋଇ ମଧ୍ୟ ସେ ପ୍ରଶାସନିକ ପରୀକ୍ଷା ନିମନ୍ତେ ନିଜକୁ ପ୍ରସ୍ତୁତ କରିଥିଲେ। ଓଡ଼ିଶା ପ୍ରଶାସନିକ ସେବା-୨୦୧୬ ପରୀକ୍ଷାରେ ସେ ସଫଳପୂର୍ଣ୍ଣ ଭାବେ କୃତକାର୍ଯ୍ୟ ହୋଇଥିଲେ। ପରେ ଭାରତୀୟ ପ୍ରଶାସନିକ ସେବା ନିମନ୍ତେ ସେ ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି। ଆଇଏସ୍ ପାଇବାକୁ ପ୍ରସ୍ତୁତ ହେଉଥିବା ବିଦ୍ୟାର୍ଥୀଙ୍କ ନିମନ୍ତେ ସେ କହିଥିଲେ, ପ୍ରଶାସନିକ ସେବାରେ ଯୋଗଦେଲେ ଜଣେ ସେବକ ଭାବେ କାର୍ଯ୍ୟ କରନ୍ତୁ। ନିଜକୁ ଜଣେ ଅଫିସର ବୋଲି ଭାବନ୍ତୁ ନାହିଁ। ମୁଁ ବି ଜଣେ ସେବକ ଭାବେ ନିଜ କ୍ୟାରିୟର ଉତ୍ସର୍ଗ କରିବି।

■ ରେଭେନ୍ଶାରେ ଛାତ୍ରୀଙ୍କୁ ର୍ୟାଗିଂ ଘଟଣା

## ଆଣ୍ଟି ର୍ୟାଗିଂ ସେଲ୍ର ରିପୋର୍ଟ: ର୍ୟାଗିଂ ନୁହେଁ ଝଗଡ଼ା

**କଟକ ଅଫିସ, ୫।୪**

**■ଦୁଇ ପକ୍ଷଙ୍କୁ ଦଣ୍ଡାଦେଶ**

**■ହଷ୍ଟେଲରୁ ବିଦାହେଲେ ଅଭିଯୁକ୍ତ ଛାତ୍ରୀ**

ରେଭେନ୍ଶା ବିଶ୍ୱବିଦ୍ୟାଳୟର କାଠଯୋଡ଼ି ହଷ୍ଟେଲରେ ଘଟିଥିବା ଛାତ୍ରୀ ର୍ୟାଗିଂ ଘଟଣାର ତଦନ୍ତ ରିପୋର୍ଟ ଶୁକ୍ରବାର ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ନିକଟରେ ଦାଖଲ କରିଛି ବିଶ୍ୱବିଦ୍ୟାଳୟର ଆଣ୍ଟି ର୍ୟାଗିଂ ସେଲ। ଉଭୟ ପକ୍ଷକୁ ନେଇ ତଦନ୍ତ କରାଯିବା ପରେ ଏହା ର୍ୟାଗିଂ ନୁହେଁ ବରଂ ଝଗଡ଼ା ବୋଲି ସେଲ୍ ପକ୍ଷରୁ ୟୁଜିସିକୁ ସ୍ପଷ୍ଟ କରାଯାଇଛି। ତେବେ ର୍ୟାଗିଂର ଅଭିଯୋଗ ଉଠାଇଥିବା ଉଦ୍ଭିଦ ବିଜ୍ଞାନ ସ୍ନାତକ ତୃତୀୟ ବର୍ଷର ଛାତ୍ରୀଙ୍କୁ ଏକହଜାର ଟଙ୍କାର ଜରିମାନା ଦଣ୍ଡାଦେଶ ପ୍ରଦାନ କରାଯାଇଥିବା ବେଳେ ଅଭିଯୁକ୍ତ ତଥା ଏମଫିଲ ଛାତ୍ରୀଙ୍କୁ କାଠଯୋଡ଼ି ହଷ୍ଟେଲରୁ କଢ଼ା ଯାଇ ଅନ୍ୟ ହଷ୍ଟେଲରେ ଅବସ୍ଥାପିତ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏମ୍ଫିଲ ଛାତ୍ରୀ ଜଣଙ୍କୁ କେଉଁ ହଷ୍ଟେଲରେ ରଖାଯିବ ସେ ନେଇ ଖୁବ୍ଶୀଘ୍ର ମୁଖ୍ୟ ୱାର୍ଡେନ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ସୂଚନାଥାଉ କି, ଗତ ଶନିବାର ସନ୍ଧ୍ୟାରେ କାଠଯୋଡ଼ି ହଷ୍ଟେଲରେ ରହୁଥିବା ବାଣିଜ୍ୟ ବିଭାଗର ଜଣେ ଏମ୍ଫିଲ ଛାତ୍ରୀ ଉଦ୍ଭିଦ ବିଜ୍ଞାନ ସ୍ନାତକ ତୃତୀୟ ବର୍ଷର ଛାତ୍ରୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଜୁନିୟରମାନଙ୍କୁ ଗାଳି କରୁଥିବା ଏମ୍ଫିଲ ଛାତ୍ରୀଙ୍କୁ ରୋକିବା ବେଳେ ସେ ର୍ୟାଗିଂର ଶିକାର ହୋଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଏ ନେଇ ର୍ୟାଗିଂର ଶିକାର ଛାତ୍ରୀ ୟୁଜିସି ନିକଟରେ ଅଭିଯୋଗ କରିଥିଲେ। ନ୍ୟାୟ ମିଳିବା ଦାବିରେ ଛାତ୍ରୀମାନେ କୁଳସଚିବଙ୍କ କାର୍ଯ୍ୟାଳୟ ମଧ୍ୟ ଘେରାଉ କରିଥିଲେ। ପରେ ମଙ୍ଗଳବାର ଅପରାହ୍ନରେ କୁଳସଚିବଙ୍କ କାର୍ଯ୍ୟାଳୟରେ ବୈଠକ ବସିଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତିକୁ ଛାତ୍ରୀମାନେ ରାଜି ନ ହେବା ଫଳରେ ଘଟଣା ବିଶ୍ୱବିଦ୍ୟାଳୟର ଆଣ୍ଟି ର୍ୟାଗିଂ ସେଲ୍କୁ ଯାଇଥିଲା।

## ଏସ୍ୟୁସିଆଇ(ସି) ପକ୍ଷରୁ ନିର୍ବାଚନ ପ୍ରଚାର

**ନରାଜ/କଟକ ଅଫିସ, ୫।୪**

ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜାରି ରହିଛି। ବିଭିନ୍ନ ଦଳର ପ୍ରାର୍ଥୀ ଲୋକଙ୍କ ଘର ଘରକୁ ଯାଇ ପ୍ରଚାର କରିବା ସହ ନିଜ ସପକ୍ଷରେ ଭୋଟ ଦେବାକୁ ଅନୁରୋଧ କରୁଛନ୍ତି। ଏଥିରେ ପଛରେ ପଡିନାହିଁ ଏସ୍ୟୁସିଆଇ(ସି)। ଏସ୍ୟୁସିଆଇ(ସି)ର ବାରବାଟୀ-କଟକ ପ୍ରାର୍ଥୀ ପ୍ରିୟଦର୍ଶନ ପାଭେଲ ଓ ଚୌଦ୍ୱାର-କଟକ ପ୍ରାର୍ଥୀ ସସ୍ମିତା ମହାନ୍ତି ଶୁକ୍ରବାର ନିଜ ନିଜ ଅଞ୍ଚଳର ବସ୍ତି ଓ ସାହିରେ ଘର ଘର ବୁଲି ପ୍ରଚାର କରିଥିଲେ। ନିମ୍ନ ଓ ମଧ୍ୟବର୍ଗର ଲୋକଙ୍କର ସମସ୍ୟା, ପାଚିକା, ନିର୍ମାଣ ଶ୍ରମିକ, ସେଲ୍ସମ୍ୟାନ କର୍ମଚାରୀମାନଙ୍କ ସମସ୍ୟା, ବସ୍ତିବାସିନ୍ଦାଙ୍କୁ ବାସଗୃହ ଓ ଜମି ଯୋଗାଇଦେବା ପାଇଁ ଦୀର୍ଘ ବର୍ଷଧରି ଆନ୍ଦୋଳନ କରିଆସିଥିଲେ ପ୍ରିୟଦର୍ଶନ। ଚଳିତଥର ନିର୍ବାଚିତ ହେଲେ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବା ସହ ସାମ୍ବିଧାନିକ ଅଧିକାର ପାଇଁ ଲଢେଇ ଜାରି ରଖିବେ ବୋଲି ସେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ୧୦ହଜାର ଟଙ୍କା ଲାଞ୍ଚ: ଜେଲ୍ ଗଲେ ଅମିନ

**କଟକ ଅଫିସ, ୫।୪**

୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କେନ୍ଦୁଝର ସ୍ୱତନ୍ତ୍ର ଯୋଜନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଅମିନ ତଥା କ୍ଷେତ୍ର ସହାୟକ ଅନ୍ତର୍ଯାମୀ ଦାସ। ସେ ଏହି ଟଙ୍କା ଟାଉନ ଥାନା ଅଧୀନ ସତସିଙ୍ଗା ଗ୍ରାମର ବିଚିତ୍ରାନନ୍ଦ ବାରିକଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ବାରିକଙ୍କର ଏକ ବିଲ୍ଡିଂ ପ୍ଲାନ ଅନୁମୋଦନ କରିବା ନିମନ୍ତେ ସେ ଏହି ଲାଞ୍ଚ ଗ୍ରହଣ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ସାଢେ ୧୦ଟାରେ ଅନ୍ତର୍ଯାମୀ ନିଜ ଅଫିସରେ ବସି ବିଚିତ୍ରାନନ୍ଦଙ୍କଠାରୁ ଏହି ଲାଞ୍ଚ ଗ୍ରହଣ କରୁଥିବାବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହାପରେ ତାଙ୍କର ଅଫିସ ଓ କେନ୍ଦୁଝର ସହରରେ ଥିବା ଆବାସିକ ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏ ସଂକ୍ରାନ୍ତରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୭/୨୦୧୯) ରୁଜୁ କରାଯାଇ ଅନ୍ତର୍ଯାମୀଙ୍କୁ ଗିରଫ କରାଯାଇଛି। ଗିରଫ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ରେଭେନ୍ଶା ବିଶ୍ୱବିଦ୍ୟାଳୟ କନଭେନ୍ସନ ହଲ୍ ଆନେକ୍ସ-୧ରେ ଅନୁଷ୍ଠିତ 'ଭବିଷ୍ୟତର ମଣିଷ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିବୃନ୍ଦ।

## ସାଧାରଣ ନିର୍ବାଚନ ପାଇଁ ୮ ପର୍ଯ୍ୟବେକ୍ଷକ ନିଯୁକ୍ତ

**କଟକ ଅଫିସ, ୫।୪**

କଟକ ଜିଲାରେ ଚଳିତ ସାଧାରଣ ନିର୍ବାଚନ ପରିଚାଳନା ଓ ତଦାରଖ ନିମନ୍ତେ ୮ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ବାରବାଟୀ-କଟକ, ଚୌଦ୍ୱାର-କଟକ ଓ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଏ.କେ. ସିଂହ(ଟେଲିଫୋନ ନଂ. ୬୩୭୨୪୮୦୬୮୬), ବଡମ୍ବା, ବାଙ୍କୀ ଓ ଆଠଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁଖର୍ଚ୍ଚପର୍ଯ୍ୟବେକ୍ଷକଭାବେନରେଶ ଜୀ (ଟେଲିଫୋନ୍ ନଂ. ୬୩୭୨୬୮୫୩୨୯), କଟକ ଲୋକ ସଭା ନିର୍ବାଚନଙ୍ମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ କୁମାରୀ ଆର. ଦୀପିକା ଅରୋରା (ଟେଲିଫୋନ୍ ନଂ.୬୩୭୨୯୦୮୪୬୨), ସାଲେପୁର, ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଅନୁପମ ରାଜ (ଟେଲିଫୋନ୍ ନଂ. ୬୩୭୨୯୦୮୪୬୩), ଆଠଗଡ, କଟକ ସଦର, ବାରବାଟୀ-କଟକ, ଚୌଦ୍ୱାର-କଟକ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଆନନ୍ଦରାଓ ବିଷ୍ଣୁ ପାଟିଲ (ଟେଲିଫୋନ୍ ନଂ.୬୩୭୨୯୦୮୪୬୦), କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ପ୍ରସାଦ ଚଭନ (ଟେଲିଫୋନ୍ ନଂ.୬୩୭୨୯୦୮୪୬୪), ବଡମ୍ବା, ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଏ. ଭି. କାଲନା (ଟେଲିଫୋନ୍ ନଂ.୬୩୭୨୯୦୮୪୬୫) ନିଯୁକ୍ତି ପାଇଛନ୍ତି। ଅନ୍ୟପକ୍ଷରେ ବଡମ୍ବା, ବାଙ୍କୀ, ଆଠଗଡ, କଟକ ସଦର, ଚୌଦ୍ୱାର-କଟକ,ବାରବାଟୀ-କଟକ ଓ କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ପୋଲିସ ପର୍ଯ୍ୟବେକ୍ଷକ ଅଶୋକ କୁମାର ଗୁପ୍ତା( ଟେଲିଫୋନ ନଂ. ୬୩୭୨୯୦୮୪୫୮)ଙ୍କୁନିଯୁକ୍ତିଦିଆଯାଇଛି। ନିର୍ବାଚନ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଥିଲେ, ଉପରୋକ୍ତ ଟେଲିଫୋନ ନମ୍ବରରେ ଯୋଗାଯୋଗ କରିବାକୁ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

■ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଦ୍ୱିତୀୟ ସନ୍ଧ୍ୟା

## ଆଧ୍ୟାତ୍ମିକ ସଙ୍ଗଠନର ମୂଳଭିତ୍ତି ହେଉଛି ଏକ ଆତ୍ମକୈନ୍ଦ୍ରିକ ସମାଜ'

**କଟକ ଅଫିସ, ୫।୪**

ଧର୍ମଭିତ୍ତିକ ସମାଜ ବାହ୍ୟ କାର୍ଯ୍ୟକଳାପକୁ ଗୁରୁତ୍ୱ ଦେଉଥିବା ବେଳେ ଆଧ୍ୟାତ୍ମିକ ସମାଜ ମନୁଷ୍ୟର ଆନ୍ତରିକ ପ୍ରେରଣାକୁ ପ୍ରାଧାନ୍ୟ ଦେଇଥାଏ। ମନୁଷ୍ୟର ଆତ୍ମା ପ୍ରଥମେ ବ୍ୟକ୍ତିକୁ ଏବଂ ପରେ ସମଗ୍ର ସଂସାରକୁ ପରିଚାଳନା କରିବ। ସାମୂହିକ ଭାବେ ଯୋଗସାଧନା କଲେ ମାନବ ଜାତି ପାଇଁ ଭଗବାନଙ୍କ ମହାନ କଳ୍ପନାର ଆଧ୍ୟାତ୍ମିକ ସମାଜ ଗଠିତ ହୋଇପାରିବ। ସ୍ଥାନୀୟ ମାତୃଭବନଠାରେ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଏଭଳି ମତ ପ୍ରକାଶ ପାଇଛି। ଗଦାଧର ମିଶ୍ରଙ୍କ ପୌରୋହିତ୍ୟ ଓ ପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ 'ଆଧ୍ୟାତ୍ମିକ ସମାଜର ପ୍ରାରମ୍ଭିକ ସଙ୍ଗଠନ' ଶୀର୍ଷକ ଆଲୋଚନାରେ ଭାଗ ନେଇ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ଡ. ଆଲୋକ ପାଣ୍ଡେ କହିଥିଲେ, ଆଧ୍ୟାତ୍ମିକ ସଙ୍ଗଠନର ମୂଳଭିତ୍ତି ହେଉଛି ଏକ ଆତ୍ମାକୈନ୍ଦ୍ରିକ ସମାଜ। ସମାଜରେ ବ୍ୟକ୍ତି ଅହଂଶୂନ୍ୟ ଭାବେ ସ୍ୱେଚ୍ଛାକୃତ ଭଗବତ ସେବକ ହେବା ସର୍ବନିମ୍ନ ସର୍ତ୍ତ ହୋଇଥାଏ। ଏହି ସମାଜ ଗଠନରେ ବ୍ୟକ୍ତି କାର୍ଯ୍ୟ କରିବାର ଦକ୍ଷତା ଓ ସାମର୍ଥ୍ୟ ଉପରେ ନିର୍ଭର କରେନାହିଁ। କଲିକତାରୁ ଆସିଥିବା ଅନ୍ୟତମ ବକ୍ତା ଅଧ୍ୟାପକ ବିଶ୍ୱନାଥ ରାୟ କହିଥିଲେ, ଯେତେବେଳେ ବ୍ୟକ୍ତି ଏକ କେନ୍ଦ୍ରବିନ୍ଦୁ ହୋଇ ତା' ପରିବାର ବା କୌଣସି ସଙ୍ଗଠନର କାର୍ଯ୍ୟ କରେ, ସେହି ସମୟରେ ସେ ସଙ୍ଗଠନର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥାଏ। ବାସ୍ତବରେ ଏହା ହିଁ ଆଧ୍ୟାତ୍ମିକ ସଂଗଠନର ପ୍ରାରମ୍ଭିକ କାର୍ଯ୍ୟ। ଡ. ସରୋଜକାନ୍ତ ମିଶ୍ର କହିଥିଲେ, ପୃଥିବୀ ପୃଷ୍ଠରେ ଅନେକ ସଭ୍ୟତା ସୃଷ୍ଟି ହୋଇ ପରେ ଧ୍ୱଂସ ହୋଇଯାଇଛି। କାରଣ ଏସବୁ ସଭ୍ୟତା କେବଳ ମନୋସ୍ତରରେ ହିଁ ସୃଷ୍ଟି ହୋଇଥିଲା। ପ୍ରାରମ୍ଭରେ କୁମାରୀ ନମିତା ନାୟକ ଆବାହନୀ ସଙ୍ଗୀତ ଗାନ କରିଥିବାବେଳେ ଶ୍ରୀଅରବିନ୍ଦ କଳାକେନ୍ଦ୍ରର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।





ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀରେ ଆଲୋକ ପାଣ୍ଡେ ଉଦ୍ବୋଧନ ଦେଉଛନ୍ତି।



ଅନ୍ୟଠାରୁ ଯାହା ଉପକାର ପାଇଲ, ତାକୁ ଭୁଲିଯିବା ଉଚିତ ନୁହେଁ କି ଅନ୍ୟ ପ୍ରତି କରିଥିବା ଉପକାର କଥା ଆଦୌ ମନେ ପକାଇବା ଉଚିତ ନୁହେଁ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ୩ ଜଣଙ୍କ ପ୍ରାର୍ଥୀପତ୍ର ନାକଚ

**ଖୋର୍ଦ୍ଧା ଅଫିସ,୫।୪:** ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୨ଜଣ ଓ ବେଗୁନିଆ ନିର୍ବାଚନମଣ୍ଡଳୀର ଜଣେ ଏପରି ମୋଟରେ ୩ ଜଣଙ୍କର ପ୍ରାର୍ଥୀପତ୍ର ଯାଞ୍ଚରେ କଟି ଯାଇଛି। ଖୋର୍ଦ୍ଧା ପାଇଁ ୧୨ ଓ ବେଗୁନିଆ ପାଇଁ ୮ ଜଣଙ୍କ ନାମାଙ୍କନପତ୍ର ଦାଖଲ କରିଥିଲେ। ଏଥିରୁ ଖୋର୍ଦ୍ଧାର ୧୦ ଜଣ ଓ ବେଗୁନିଆର ୭ଜଣଙ୍କ ନାମାଙ୍କନପତ୍ର କାଏମ ରହିଛି।

### ମା' ଜାଗୁଳାଈଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା



**ଜଟଣୀ,୫।୪(ଡି.ଏନ.ଏ.):** ଜଟଣୀ କୁଦିଆରୀ ଗ୍ରାମସ୍ଥିତ ମା' ଜାଗୁଳାଈଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସକାଳ ସମୟରେ କଳସଯାତ୍ରା ଗ୍ରାମ ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲା। ପରେ ସୂର୍ଯ୍ୟପୂଜା, ଘଟ ସ୍ଥାପନ, ସର୍ବଦେବଦେବୀ ଆବାହନ, ଚଣ୍ଡୀପାଠ, ସନ୍ଧ୍ୟାରେ ମହାସ୍ନାନ ସହ ମା'ଙ୍କର ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଥିଲେ। ଏଥିସହ ବିଭିନ୍ନ ପୂଜାନୀତି ସମ୍ପନ୍ନ ହୋଇଥିଲା ବୋଲି ପୂଜକ ମନୋରଞ୍ଜନ ପଣ୍ଡା ଓ ପରିଚାଳନା କମିଟିର ସମ୍ପାଦକ ଏଲ୍.ଡି. ମହାନ୍ତି କହିଛନ୍ତି।

### ଦୁର୍ବୃତ୍ତ ଲୁଟି ନେଲେ ମୋବାଇଲ୍, ମନିପର୍ସ

**ଯାଁଳା,୫।୪((ଡି.ଏନ.ଏ.):** ୧୬ ନଂ. ଜାତୀୟ ରାଜପଥର ପୁରୁଣା ଯାଁଳା ଫାଣ୍ଡି ନିକଟରେ ଜଣେ ପଥଚାରୀ ଶୁକ୍ରବାର ସନ୍ଧ୍ୟାରେ ଲୁଟ୍‌ର ଶିକାର ହୋଇଛନ୍ତି। ଖଣ୍ଡପଡ଼ାର କୁନା ନାୟକ ବାଇକ୍‌ରେ ଭୁବନେଶ୍ୱର ଯାଉଥିବା ବେଳେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ମାଡ଼ ମାରି କୁନାଙ୍କଠାରୁ ୧ ହଜାର ଟଙ୍କା ଥିବା ଏକ ମନିପର୍ସ ଓ ମୋବାଇଲ୍ ଛଡ଼ାଇ ନେଇଥିଲେ। ସେ ଯାଁଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି।

### ଅଟୋ, ବାଇକ୍ ଧକ୍କା: ଜଣେ ଗୁରୁତର

**ନିରାକାରପୁର,୫।୪(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁବାର ରାତି ପ୍ରାୟ ୧୧ଟାରେ ଏହି ଥାନା ଅନ୍ତର୍ଗତ ଲେଣ୍ଡୋ କାଜ ନିକଟସ୍ଥ ନୂଆ ଜଗନ୍ନାଥ ସଡ଼କ ଉପରେ ଅଟୋ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ବାଇକ୍ ଆରୋହୀ ପ୍ରକାଶ ନାୟକ ଗୁରୁତର ହୋଇଛନ୍ତି। ତାଙ୍କ ଘର ପୁରୀ ଜିଲା ଗଡିଶାଗଡା ଥାନା ଓଷଣା ହରିଜନ ସାହିରେ। ପ୍ରକାଶ ବାଇକ୍‌ରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ସହ ଧକ୍କା ହୋଇଥିଲା। ଫଳରେ ତାଙ୍କର ନାକ, କାନ, ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପ୍ରକାଶ ରାସ୍ତା ଉପରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ପଠାଇବା ସହ ୨ ଗାଡ଼ିକୁ ଜବତ କରିଛି। ପୋଲିସ ଅଟୋ ଚାଳକ ଦାଶରଥି ଜେନାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଛି। କଣାସ ଥାନା ତ୍ରିଲୋଚନପୁର କଣ୍ଡପଡାର ଦାଶରଥି ଡାଲା ଅଟୋ ନଂ. ଓଡି ୩୩ ବି ୨୧୫୯ରେ ରାମେଶ୍ୱର ଛକକୁ ମାଛ ଆଣିବାକୁ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା।

### ସ୍କୁଲର ବାର୍ଷିକ ଉତ୍ସବ

**ଖୋର୍ଦ୍ଧା ଅଫିସ,୫।୪:** ଗୋଲବାଇ ବିନାୟକ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କ ପ୍ରାଥମିକ ଶିକ୍ଷାରେ ମା' ମାନଙ୍କର ଭୂମିକା ଉପରେ ଟିପ୍ପଣୀ ଦେଇଥିଲେ। କମାଗୁରୁ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗୀରଥି ରାଉତରାୟ ମୁଖ୍ୟବକ୍ତା, ଲକ୍ଷ୍ମୀଧର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାନସ ବରିଶଲ ସ୍ୱାଗତ ଭାଷଣ, ସମ୍ପାଦକ ଚିନ୍ମୟ ମହାନ୍ତି ବାର୍ଷିକ ବିବରଣୀ ଓ ସୁଲୋଚନା କୁଣ୍ଡୁ ଧନ୍ୟବାଦ ଦେଇଥିଲେ।

# ମଇଦାନରେ ଆଇଏଏସ୍-ଆଇପିଏସ୍

**ଖୋର୍ଦ୍ଧା ଅଫିସ,୫।୪**

ନିର୍ବାଚନୀ ମଇଦାନକୁ ଏଥର ଭୁବନେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀରେ ଆଇଏଏସ୍- ଆଇପିଏସ୍ ଓହ୍ଲାଇଛନ୍ତି। ଭାଜପା ପକ୍ଷରୁ ପୂର୍ବତନ ପ୍ରଶାସିକା ଅପରାଜିତା ଷଡ଼ଙ୍ଗୀ ଓ ବିଜେଡି ପକ୍ଷରୁ ଆଇପିଏସ୍ ଅଫିସର ଅରୂପ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। ଦୁହିଁଙ୍କୁ ଟକ୍କର ଦେବାକୁ କଂଗ୍ରେସ ସିପିଆଇ(ଏମ) ସହ ମେଣ୍ଟ କରି ଜନାର୍ଦ୍ଦନ ପତିଙ୍କୁ ପ୍ରାର୍ଥୀ କରିଛି। ଏଠାରେ ଭାଜପା, ବିଜେଡି, କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ସିପିଆଇ(ଏମ) ନେତା ଶିବାଜୀ ପଟ୍ଟନାୟକ ୧୯୮୯ ଓ ୧୯୯୬ରେ ନିର୍ବାଚିତ ହୋଇଥିଲେ। ଏଠାରୁ ୫ ଥର ପ୍ରସନ୍ନ ପାଟଶାଣୀ ବିଜେଡିରୁ ନିର୍ବାଚିତ ହୋଇଛନ୍ତି। ବିଜେଡି ନିଜର ଗଡରକ୍ଷା ପାଇଁ ଆପ୍ରାଣ ଉଦ୍ୟମ କରିଥିବାବେଳେ ସିପିଆଇ(ଏମ୍) ପୁଣି ୨୩ ବର୍ଷ ପରେ ଭୁବନେଶ୍ୱର ଲୋକ ସଭାକୁ ଦଖଲ କରିବାକୁ କଂଗ୍ରେସ ସହ ମିଶି କ୍ଷେତ୍ର ପ୍ରସ୍ତୁତ କରିଛି। ଭାଜପା ଉଭୟ ଦଳକୁ ଟକ୍କର ଦେଇ ରାଜ୍ୟ ରାଜଧାନୀ ନାଁରେ ଥିବା ଲୋକ ସଭା ଆସନରେ ପଦ୍ମ ଫୁଟାଇବାକୁ ଗୋଟିଚାଳନା ଜାରି ରଖିଛି। କଂଗ୍ରେସ ଓ ବିଜେଡିର ପ୍ରାର୍ଥୀଙ୍କ ବହୁ ପୂର୍ବରୁ ଭାଜପାର ଅପରାଜିତା ଷଡଙ୍ଗୀ ସଙ୍ଗଠନକୁ ମଜଭୁତ୍ କରିବାକୁ ଗାଁରୁ ସହର ବୁଲି କ୍ଷେତ୍ର ପ୍ରସ୍ତୁତିରେ ଲାଗି ପଡିଛନ୍ତି।

**କାଳିଆ ଅଡୁଆ**

ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିବା କାଳିଆ ଯୋଜନା ବେଗୁନିଆ ନିର୍ବାଚନମଣ୍ଡଳୀରେ ଚାଷୀଙ୍କ ପାଖରେ ଅପହଞ୍ଚ ହୋଇରହିଛି। ବେଗୁନିଆ ନିର୍ବାଚନମଣ୍ଡଳୀର ବେଗୁନିଆ ଓ ବୋଲଗଡ ବ୍ଲକ ଅଞ୍ଚଳରେ ପ୍ରାୟ ୨୦ ପ୍ରତିଶତ ଚାଷୀ ଏହି ଯୋଜନାରେ ଉପକୃତ ହୋଇଥିବା କୁହାଯାଉଛି। ଯୋଜନାରୁ ବାଦ୍ ପଡିଥିବା ଚାଷୀ କାଳିଆ ଯୋଜନା ସମ୍ପର୍କରେ ଶୁଣିଲେ ବିରକ୍ତ ହେଉଛନ୍ତି। ଯୋଜନାରେ ତ୍ରୁଟି ନା ଜାଣିଶୁଣି ଚାଷୀଙ୍କୁ ଅଣଦେଖା କରାଯାଇଛି ତାହା ତଦନ୍ତସାପେକ୍ଷ। ତେବେ କାଳିଆ ଯୋଜନାର ବିଫଳତା ଏଠାରେ ବିଜେଡି ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି।

**ନିର୍ବାଚନୀ ପରିକ୍ରମା**

**ପ୍ରାର୍ଥୀଙ୍କୁ ପରଖୁଛନ୍ତି ଭୋଟର**

ପାଇକ ବିଦ୍ରୋହର ପୀଠ ଖୋର୍ଦ୍ଧା। ପୁଣି ଖୋର୍ଦ୍ଧା ଜିଲା ଭିତରେ ରାଜଧାନୀ ଭୁବନେଶ୍ୱର ରହିଛି। ହେଲେ ଦୀପ ତଳ ଅନ୍ଧାର ଭଳି କ୍ୟାବିନମୟ ଖୋର୍ଦ୍ଧା ସହରର ବିକାଶ ନାହିଁ। ଏହା ହିଁ ଦୁର୍ଭାଗ୍ୟ। ସଂକୀର୍ଣ୍ଣ ରାସ୍ତା, ଅଳିଆ ଆବର୍ଜନା ଓ ମଶାର ନିରାକରଣ ନାହିଁ। ସରକାରୀ ରାସ୍ତା ଅବରୋଧ କରି ବେଆଇନ ନିର୍ମାଣ ଯୋଗୁ ବିକାଶ ବାଧାପ୍ରାପ୍ତ ହୋଇ ସବୁ ସମୟରେ ଟ୍ରାଫିକ୍ ଜାମ ରହୁଛି। ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁ ମାର୍ଗ ପୁରୁଣା ବସଷ୍ଟାଣ୍ଡରୁ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ଦି ଥାକିଆ ରାସ୍ତା ସତ୍ତ୍ୱେ ସୁଫଳ ମିଳୁନି। ଦୋକାନ ସାମ୍ନାରେ ଗାଡ଼ି ସବୁ ପାର୍କିଂ କରାଯାଉଛି। ରାସ୍ତା ଜାମ୍ ସହ ଦୁର୍ଘଟଣା ଘଟୁଛି। ଶିଳ୍ପ ସଂସ୍ଥାମାନେ ବେଆଇନ ବୋରିଂ କରି ଗ୍ୟାଲନ ଗ୍ୟାଲନ ପାଣି ଶୋଷି ସହରରେ କୃତ୍ରିମ ଜଳସଙ୍କଟ ସୃଷ୍ଟି କରୁଛନ୍ତି। ଶିଳ୍ପ ସଂସ୍ଥାଗୁଡ଼ିକ ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ସହର ପାଇଁ ଖର୍ଚ୍ଚ କରୁନାହାନ୍ତି। ବ୍ରାଉନସୁଗାର, ଗଞ୍ଜେଇ ଓ ମଦର ବ୍ୟବହାର ବଢ଼ି ଚାଲିଛି। ଏଠାର ବାସିନ୍ଦା ସହରରେ ଥାଇ ବି ସର୍ବନିମ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ନିର୍ବାଚନ ସମୟରେ ରାଜନେତାମାନେ ଆସୁଛନ୍ତି। ବିକାଶ କଥା କହି ଭୋଟ ମାଗୁଛନ୍ତି। ନିର୍ବାଚିତ ହେବା ପରେ ଲୋକଙ୍କ କଥା ଭୁଲି ଯାଉଛନ୍ତି। ଖୋର୍ଦ୍ଧା ସହରରେ ବିକାଶ ନାଁରେ ପ୍ରତାରଣା ଚାଲିଥିବାରୁ ପ୍ରାର୍ଥୀଙ୍କୁ ଭୋଟର ପରଖିବା ଆରମ୍ଭ କରିଛନ୍ତି।

**ନୂଆ ମୁହଁ, ପୁରୁଣା ପ୍ରାର୍ଥୀ**

ଭୋଟରଙ୍କ ଚାହିଦା ମୁତାବକ ଖୋର୍ଦ୍ଧା ଜିଲାର ଜଟଣୀ, ଖୋର୍ଦ୍ଧା, ବେଗୁନିଆ, ଚିଲିକା ନିର୍ବାଚନମଣ୍ଡଳୀରେ ବିଜେଡି ନୂଆ ମୁହଁ ଦେଇଛି। ୨୦୧୪ ନିର୍ବାଚନରେ ଚିଲିକା ନିର୍ବାଚନମଣ୍ଡଳୀ କେବଳ ଭାଜପା ଦଖଲରେ ଥିଲା। ଅନ୍ୟ ୩ଟି ନିର୍ବାଚନମଣ୍ଡଳୀ ଶାସକ ବିଜେଡି ଅକ୍ତିଆରରେ ରହିଥିଲା। ଏଣୁ ୪ଟି ଆସନକୁ ଅକ୍ତିଆର କରିବାକୁ ବିଜେଡିର ନୂଆମୁହଁମାନେ ପାରିବାର ବୋଲି କିଛି ଦଳୀୟ କର୍ମୀ ଓ ସମର୍ଥକ ଯୁକ୍ତି ବାଢୁଛନ୍ତି। ତେବେ ଦଳୀୟ କର୍ମୀ ଓ ସମର୍ଥକଙ୍କ ଯୁକ୍ତିକୁ ଅନ୍ୟମାନେ ଖଣ୍ଡନ କରିଛନ୍ତି। ଚର୍ଚ୍ଚା ଅନୁସାରେ ବିଜେଡି ନୂଆ ମୁହଁ ନାଁରେ ପୁରୁଣା ପ୍ରାର୍ଥୀମାନଙ୍କୁ ଲଦି ଦେଇଛି। କେବଳ ଅଦଳବଦଳ କରି ଦେଲେ ନୂଆ ମୁହଁ କୁହାଯାଏ ନାହିଁ ବୋଲି କୁହାଯାଉଛି। ଅଦଳବଦଳରେ ପ୍ରାର୍ଥୀ ହୋଇଥିବା ନେତାମାନେ ସ୍ୱଳ୍ପ ସମୟ ମଧ୍ୟରେ କେତେଦୂର ସ୍ଥାନୀୟ ସମର୍ଥକ, କର୍ମୀଙ୍କୁ ଅପଣେଇ ସାଥିରେ ନେଇ ପାରୁଛନ୍ତି ତାହା ସମୟ କହିବ।



ଗାଁରେ ଶାନ୍ତି ପ୍ରତିଷ୍ଠା ଲାଗି ପୋଲିସ ପକ୍ଷରୁ ଆଲୋଚନା କରାଯାଉଛି।

### ଦଳିତ ପରିବାର ଉପରେ ସବର୍ଣ୍ଣଙ୍କ ସଂଘବଦ୍ଧ ଆକ୍ରମଣ ଘଟଣା

## ଶାନ୍ତି ପ୍ରତିଷ୍ଠା ପାଇଁ ପୋଲିସର ଉଦ୍ୟମ

**ଖୋର୍ଦ୍ଧା ଅଫିସ,୫।୪**

ଖୋର୍ଦ୍ଧା ଆଦର୍ଶ ଥାନାର ଜରିପୁଟ୍ ଜାମୁସାହିରେ ମଙ୍ଗଳବାର ରାତିରେ ଘଟିଥିବା ଦଳିତ ପରିବାରଙ୍କ ଉପରେ ସବର୍ଣ୍ଣଙ୍କ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାର ସମାଧାନ ପାଇଁ ଖୋର୍ଦ୍ଧା ଏସ୍‌ଡିପିଓ ଓ ଆଦର୍ଶ ଥାନା ଆଇଆଇସି ପହଞ୍ଚି ଶାନ୍ତି ପାଇଁ ଶୁକ୍ରବାର ଉଦ୍ୟମ କରିଛନ୍ତି। ହେଲେ ଆଲୋଚନା ସଫଳ ହୋଇନାହିଁ। ଜରିପୁଟ୍ ଜାମୁସାହିରେ ମଙ୍ଗଳବାର ରାତିରେ ୪ଟି ବୋମାମାଡ କରାଯିବା ସହ ଗାଁର କେତେଜଣ ଲୋକଙ୍କ ଆଜବେଷ୍ଟସ ଘର ଭଙ୍ଗାରୁଜା କରାଯାଇଥିଲା। ଏଥିରେ ଦଳିତ ପରିବାରର ହେମନ୍ତ ନାୟକଙ୍କ ସମେତ ୬ ଜଣ ସାମାନ୍ୟ ଆହତ ହୋଇଥିଲେ। ସବର୍ଣ୍ଣମାନେ ୨ ଅଟୋ, ଗୋଟିଏ ଟାଟା ଏସିଇ, ୨ କାର ଓ ୪ ବାଇକ୍ ଭାଙ୍ଗି ଦେଇଥିଲେ। ହେମନ୍ତ ଓ ନବୀନ ନାୟକ ଥାନାରେ ଓ ଜମ୍ନେଶ୍ୱର ନାୟକ ଘଟଣା ସମ୍ପର୍କରେ ଉପଜିଲାପାଳ ସରୋଜ ସାହୁଙ୍କୁ ଅନୁରୂପ ଭାବେ ଅବଗତ କରାଇଥିଲେ। ଗାଁରେ ଅଦ୍ୟାବଧି ଉତ୍ତେଜନାତ୍ମକ ପରିସ୍ଥିତି ଲାଗି ରହିଛି।

## ଭଗବାନପୁରରେ ନିଆରା କଣ୍ଢେଇ ମେଳଣ

**ପାତ୍ରପଡା/ଯାଁଳା,୫।୪(ଡି.ଏନ.ଏ.)**



ପିଲାମାନେ ବିମାନରେ କଣ୍ଢେଇ ରଖି ମେଳଣକୁ ଆଣିଛନ୍ତି।

କାଠ, କାଗଜ, କପଡ଼ାରେ ସୁଦୃଶ୍ୟ ବିମାନ। ବିମାନରେ ଠାକୁରଙ୍କ ବିଗ୍ରହ ବଦଳରେ କଣ୍ଢେଇ। ପାରମ୍ପରିକ ଦୋଳ ମେଳଣ ଭଳି ଏହି ନିଆରା କଣ୍ଢେଇ ମେଳଣ ଲୋକଙ୍କୁ ଆକୃଷ୍ଟ କରୁଛି। ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମରେ ପରମ୍ପରା ଅନୁଯାୟୀ ଶୁକ୍ରବାର ଚୈତ୍ରମାସ ମଧୁ ଅମାବାସ୍ୟା ତିଥିରୁ କଣ୍ଢେଇ ମେଳଣର ଜମାଣ ଉତ୍ସବ ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଅନୁଷ୍ଠିତ ହେବ। ଦୋଳ ମେଳଣ ଭଳି ୩୫ଟି ସୁସଜ୍ଜିତ ବିମାନରେ କଣ୍ଢେଇ ସବୁ ରଖି ଛୋଟ ପିଲାମାନେ କାନ୍ଧେଇ ଗାଁ ପରିକ୍ରମା କରିଥିଲେ। ଏଥିସହ ପ୍ରତି ଘରେ ପରମ୍ପରା ଅନୁଯାୟୀ ଚାଟେରି ଭୋଗ ଲାଗି ହୋଇଥିଲା। ଗାଁର ମା' ଛୋଟି ଭୁଆସୁଣୀ ମନ୍ଦିର ସଂଲଗ୍ନ ମେଳଣ ପଡ଼ିଆରେ ଏହା ଆୟୋଜିତ ହେଉଛି। ମେଳଣ ପୂର୍ବରୁ ଗାଁର ପିଲାମାନେ ୨ରୁ ୫ ଫୁଟ ଉଚ୍ଚତା ବିଶିଷ୍ଟ କାଠ, କାଗଜ, କପଡା ଓ ଅଠାରେ ତିଆରି କରିଥାନ୍ତି ବିମାନ। ବିମାନରେ ବିଭିନ୍ନ ପ୍ରକାର ଖେଳଣା, ପ୍ଲାଷ୍ଟିକ ଓ ମାଟି କଣ୍ଢେଇ ରଖି ମେଳଣ ପଡ଼ିଆକୁ ଆଣିଥିଲେ। ବାଜା, ବାଣ ରୋଶଣି, ଘୋଡ଼ାନାଚ, ସଂକୀର୍ତ୍ତନ ଓ ଅବିର ଖେଳରେ ଧାଡ଼ିବାନ୍ଧି ଏହି ବିମାନଗୁଡ଼ିକ ମେଳଣ ପଡ଼ିଆକୁ ଆସିଥିଲେ। ୩ ଦିନ ଧରି ଅନୁଷ୍ଠିତ ଏହି ମେଳଣରେ ଅପେରା, ଭଜନ, ସଂକୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଛୋଟ ପିଲାଙ୍କ ମନରେ ଭକ୍ତି ଭାବନାରୁ ଏହା ପରମ୍ପରା ରୂପ ନେଇଥିବା କୁହାଯାଉଛି। ପିଲାଙ୍କ ମଧ୍ୟରେ ସୀମାବଦ୍ଧ ଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ଜଡ଼ିତ ମେଳଣରେ କେବଳ ଭଗବାନପୁର ଗାଁ ନୁହେଁ, ରାଜଧାନୀ ଉପକଣ୍ଠ ଏକ ନିଆରା ପରମ୍ପରା ଭାବେ ପରିଚିତ ଲାଭ କରିଛି।

### ନାଟ୍ୟକାରଙ୍କ ବିୟୋଗରେ ସ୍ମୃତିସଭା

**ଖୋର୍ଦ୍ଧା ଅଫିସ,୫।୪**

ଆନ୍ତର୍ଜାତିକ ସ୍ତରରେ ସୁନାମ ଅର୍ଜନ କରିଥିବା ଓଡ଼ିଶା ନବନାଟ୍ୟ ଆନ୍ଦୋଳନର ଅଗ୍ରଣୀ ପୁରୋଧା, ସ୍ରଷ୍ଟା ଶହେରୁ ଉର୍ଦ୍ଧ୍ୱ ଓଡ଼ିଆ ଓ ହିନ୍ଦୀ ନାଟକର ସ୍ରଷ୍ଟା ଡ. କାର୍ତ୍ତିକ ଚନ୍ଦ୍ର ରଥଙ୍କ ବିୟୋଗରେ ଆମରିସତ୍ୟ ପତ୍ରିକା ପକ୍ଷରୁ ଖୋର୍ଦ୍ଧାରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆମରିସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ତାଙ୍କ ଛାତ୍ର ଅନୁଭୂତିରେ ସ୍ୱର୍ଗତ ରଥ ପୁରସ୍କାର ପାଇଥିଲେ। ତାଙ୍କରି ନାଟକ ରକ୍ତର ପାହାଡ଼, ଅନ୍ଧାରର ଆଇନା, ଶହୀଦ ଭଗତ ସିଂହ, ଅସ୍ତ ସୂର୍ଯ୍ୟର ସମ୍ମାନ ପରିସ୍ଫୁଟ ହୋଇଥିଲା। ସଭାରେ ଜବାହରଲାଲ ସୁବୁଦ୍ଧି, ଗୋବିନ୍ଦ ଚନ୍ଦ୍ର ମହାରଣା, ବିଭୁ ପ୍ରସାଦ ହରିଚନ୍ଦନ, ରାମଶଙ୍କର, ଇତିଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ସଭାରେ ନେତା ଓ କର୍ମୀମାନେ।

## ଜଟଣୀରେ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଜଟଣୀ,୫।୪(ଡି.ଏନ.ଏ.)**

ଜଟଣୀ ନିର୍ବାଚନମଣ୍ଡଳୀ ପାଇଁ ସ୍ଥାନୀୟ ଥାନା ଛକ ନିକଟରେ କଂଗ୍ରେସ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କଂଗ୍ରେସ ପ୍ରାର୍ଥୀ ସୁରେଶ କୁମାର ରାଉତରାୟ ଓ ଅନ୍ୟ କର୍ମୀମାନଙ୍କ ଉପସ୍ଥିତିରେ ପୂର୍ବତନ କାଉନ୍‌ସିଲର କୃଷ୍ଣଚନ୍ଦ୍ର ନାୟକ ଫିତାକାଟି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୀତାକାନ୍ତ ଶତପଥୀ, ବୃନ୍ଦାବନ ସାହୁ, ବିଷ୍ଣୁ ସାହୁ, ଆଲୋକ ମହାନ୍ତି, ଶୁଭେନ୍ଦୁ ପରିଜା, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ଅଶୋକ ମଙ୍ଗରାଜଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ବିନା ଟିକେଟ ଯାତ୍ରୀ ଧରପଗଡ଼

**ଜଟଣୀ,୫।୪(ଡି.ଏନ.ଏ.)**

ଟ୍ରେନ୍‌ରେ ବିନା ଟିକେଟ ଯାତ୍ରା ରୋକିବାକୁ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ପକ୍ଷରୁ ଶୁକ୍ରବାର ସ୍ୱତନ୍ତ୍ର ଟିକେଟ ଯାଞ୍ଚ କରାଯାଇଥିଲା। ଏହି ଡିଭିଜନର କଣାସରୋଡ଼ ଷ୍ଟେଶନରେ ଡିଭିଜନର ବାଣିଜ୍ୟ ପ୍ରବନ୍ଧକ ଡି.ପି. ଜେନା, ସହକାରୀ ପ୍ରବନ୍ଧକ ଡି.ବି. ସାହୁ, ଟିକେଟ୍ ଚେକିଂ ଷ୍ଟାଫ ଓ ଆର୍‌ପିଏଫ ଯବାନଙ୍କ ସହାୟତାରେ ଏହି ଧରପଗଡ଼ କରାଯାଇଥିଲା। ଏଥିରେ ବିଭିନ୍ନ ପାସେଞ୍ଜର ଓ ଏକ୍ସପ୍ରେସ୍ ଟ୍ରେନ୍‌କୁ ଯାଞ୍ଚ କରାଯାଇ ୭୨ ଜଣ ବିନା ଟିକେଟ୍ ଯାତ୍ରୀଙ୍କଠାରୁ ୨୫ ହଜାର ୬୧୦ ଟଙ୍କା ଜରିମନା ଆଦାୟ କରାଯାଇଥିଲା। ଏହି ଧରପଗଡ଼ ଜାରି ରହିବ ବୋଲି ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି।



ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ପ୍ଲାକାର୍ଡ ଧରି ଭୋଟରଙ୍କୁ ସଚେତନ କରାଉଛନ୍ତି।

## ଭୋଟର ସଚେତନତା କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୫।୪**

ସାଧାରଣ ନିର୍ବାଚନରେ ପ୍ରତ୍ୟେକ ବର୍ଗର ଭୋଟର ସାମିଲ ହେବାକୁ ନିର୍ବାଚନ କମିଶନ ଗୁରୁତ୍ୱାରୋପ କରିଛନ୍ତି। ଏ ପରିପ୍ରେକ୍ଷୀରେ ଭୋଟରମାନଙ୍କୁ ସଚେତନତା କରାଇବା ଉଦ୍ଦେଶ୍ୟରେ ଗୁରୁବାର ସଚେତନତା ରଥକୁ ପତାକା ଦେଖାଇ ଖୋର୍ଦ୍ଧା ଉପଜିଲାପାଳ ସରୋଜ କୁମାର ସାହୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବାକୁ ପଥପ୍ରାନ୍ତ ନାଟକ କଳାକାରମାନଙ୍କ ଦ୍ୱାରା ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁରୂପ ଭାବେ ପ୍ରଦର୍ଶିତ ହୋଇଛି। ସାଧାରଣତଃ ଦିବ୍ୟାଙ୍ଗ ଓ ବୟସ୍କ ଭୋଟରମାନେ ବୁଥ୍‌କୁ ଯିବା ଲାଗି ଅସୁବିଧାରୁ ଏଡାଇବାକୁ ସରକାରଙ୍କ ପକ୍ଷରୁ ର୍‍ୟାମ୍ପ, ହୁଇଲଚେୟାର ପରି ବିଭିନ୍ନ ପ୍ରକାରର ସୁବିଧା କରାଯାଇଛି ବୋଲି ଉପଜିଲାପାଳ ପ୍ରକାଶ କରିଛନ୍ତି। ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଚିକିତ୍ସାଳୟର କର୍ମଚାରୀ, ନର୍ସ ଓ ଡାକ୍ତରମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।



ଜଟଣୀ ଅଞ୍ଚଳରେ ଭାଜପା ପକ୍ଷରୁ ପ୍ରଚାର କରାଯାଉଛି।

## ଭାଜପା ବିଧାୟକ ପ୍ରାର୍ଥୀଙ୍କ ଘରକୁ ଘର ବୁଲି ପ୍ରଚାର

**ଜଟଣୀ,୫।୪((ଡି.ଏନ.ଏ.)**

ଜଟଣୀ ପୌରାଞ୍ଚଳର ରାଜାବଜାର ଓ ବାଲିଛକ ସାହି ଅଞ୍ଚଳରେ ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନା ଶୁକ୍ରବାର ଘରକୁ ଘର ବୁଲି ପ୍ରଚାର କରିଥିଲେ। ତାଙ୍କ ସହ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଏମ୍‌ପି ପ୍ରାର୍ଥୀ ଅପରାଜିତ ଷଡଙ୍ଗୀଙ୍କ ସମେତ ଅନେକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

### ଭାଲିଆବାଡ଼ିରେ ବୋମାମାଡ଼

## କାନ୍ଥ ଫାଟିଲା, ଆଜବେଷ୍ଟସ ଭାଙ୍ଗିଲା

**ଖୋର୍ଦ୍ଧା ଅଫିସ,୫।୪:** ଖୋର୍ଦ୍ଧା ଆଦର୍ଶ ଥାନାର ଭାଲିଆବାଡ଼ି ଗ୍ରାମର ଗୁରୁବାର ବିଳମ୍ବିତ ରାତିରେ କଷ୍ଣଚନ୍ଦ୍ର ପଲେଇଙ୍କ ଘର ଉପରକୁ ବୋମାମାଡ ହୋଇଛି। ବୋମାମାଡରେ ଆଜବେଷ୍ଟସ ଭାଙ୍ଗିଯାଇଥିବା ବେଳେ ଘରର କାନ୍ଥ ଓ ବାରଣ୍ଡା ଫାଟି ଯାଇଛି। ସ୍ତ୍ରୀ ସରସ୍ୱତୀ ପରିବାର ସହ ରାତିରେ ଶୋଇଥିବା ବେଳେ ଘର ଉପରକୁ ବୋମାମାଡ ହୋଇଥିଲା। ବୋମ ଶବ୍ଦ ଶୁଣି ଭୟରେ ପରିବାର ଲୋକ ବାହାରକୁ ପଳାଇ ଆସିଥିଲେ। ବୋମାମାଡ ସମୟରେ ଜୈନିକ ବ୍ୟକ୍ତି ତାଙ୍କ ଘର ସାମ୍ନାରେ ଠିଆ ହୋଇଥିବା ସରସ୍ୱତୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ମକଦ୍ଦମା ରୁଜୁ କରିନାହିଁ।



ବୋମାମାଡ଼ରେ ଭାଙ୍ଗିଯାଇଥିବା ଆଜବେଷ୍ଟସ।

# ମୌଳିକ ଆବଶ୍ୟକତା ଅପହଞ୍ଚ

### ଜଳସେଚନ, ସ୍ୱାସ୍ଥ୍ୟ, ଏନ୍‌ଏସି, ଜେଏମ୍‌ଏଫସି କୋର୍ଟ ମାନ୍ୟତା ପ୍ରସଙ୍ଗ

**ବେଗୁନିଆ,୫।୪(ଡି.ଏନ.ଏ.)**

ଜନସାଧାରଣଙ୍କ ପାଇଁ ଆଗାମୀ ଦିନରେ ବହୁ ଯୋଜନା ଖୋଲିବ ବୋଲି ଭୋଟ ହାତେଇବାକୁ ପ୍ରଚାର କରୁଛନ୍ତି। ହେଲେ ୧୫ ବର୍ଷ ହେଲା ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକବାସୀଙ୍କ ପାଇଁ ଅପହଞ୍ଚ ହୋଇ ରହିଛି ପ୍ରମୁଖ ମୌଳିକ ଆବଶ୍ୟକତା। କୌଣସି ରାଜନେତା ଓ ପ୍ରଶାସକମାନଙ୍କ ଏଥିପ୍ରତି ଆନ୍ତରିକତା ନ ଥିବା ଅଭିଯୋଗ ହେଉଛି। ବେଗୁନିଆ ଅଞ୍ଚଳର ଚାଷୀଙ୍କ ପାଇଁ ସ୍ଥାୟୀ ଜଳସେଚନ ବ୍ୟବସ୍ଥା, ଏନ୍‌ଏସି, ସ୍ୱାସ୍ଥ୍ୟସେବା ଏବଂ ବେଗୁନିଆ ସଦର ମହକୁମାରେ ଜେଏମ୍‌ଏଫସି କୋର୍ଟ ଖୋଲିବାକୁ ପ୍ରତିଶ୍ରୁତି ମିଳିଥିଲେ ହେଁ ପୂରଣ କରାଯାଉନାହିଁ। ଆଗାମୀ ନିର୍ବାଚନ ପାଇଁ ପୁଣି ନୂଆ ନେତା ଆସିବେ, ପ୍ରତିଶ୍ରୁତି ଦେବେ ସବୁ କିଛି କରିବାକୁ। ନିର୍ବାଚନରେ ଜିତିଯିବା ପରେ ଆଉ ଧରାଛୁଆଁ ଦେବେ ନାହିଁ। ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ଦେଇଥିବା ଭୋଟର ପୁଣି ୫ ବର୍ଷ ଅପେକ୍ଷା କରିବାକୁ ପଡିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ବେଗୁନିଆବାସୀଙ୍କ ପାଇଁ ଜେଏମ୍‌ଏଫସି କୋର୍ଟ, ଏନ୍‌ଏସି ମାନ୍ୟତା ଆଦିର ସରକାରୀ କାଗଜପତ୍ର ପ୍ରକ୍ରିୟା ଜାରି ରହିଥିଲା। ଏବେ ଏସବୁ କାର୍ଯ୍ୟାଳୟର ଫାଇଲରେ ଡୋରି ବନ୍ଧା ହୋଇରହିଛି। ଅନ୍ୟପକ୍ଷରେ ପୂର୍ବରୁ ହୋଇଥିବା ନିର୍ବାଚନ ସମୟରେ ବ୍ଲକ ଅଞ୍ଚଳକୁ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ଗସ୍ତ କରିଥିଲେ। ବିଭିନ୍ନ ସଭାସମିତିରେ ବେଗୁନିଆ ଅଞ୍ଚଳର ଚାଷୀଙ୍କ ପାଇଁ ସ୍ଥାୟୀ ଜଳସେଚନର ବ୍ୟବସ୍ଥା ଖୁବ୍‌ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଜଳସେଚନର ବ୍ୟବସ୍ଥା ଚାଷୀ ପାଇବା ତ ଦୂରର କଥା ଲୋକେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଜମିରେ ବୋରୱେଲ କରିଛନ୍ତି। ତେବେ ବିକାଶ ଏଠି ଅଧୁରା ହୋଇ ରହିଗଲା ବୋଲି ଲୋକେ ଭାବି ନେଲେଣି। ଏ ସମ୍ପର୍କରେ ସ୍ଥାନୀୟ ଜନକଲ୍ୟାଣ ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ରଥ କୁହନ୍ତି, ଭୋଟ ବେଳ ଆସିଲେ ବ୍ଲକ ଅଞ୍ଚଳକୁ ବିଭିନ୍ନ ନେତା ଓ ମନ୍ତ୍ରୀ ପ୍ରଚାର କରିବାକୁ ଆଗେଇ ଆସନ୍ତି। ଏଥିସହ ଲୋକଙ୍କ ମୌଳିକ ଅଭାବ କ'ଣ ରହିଛି ବୋଲି ପଚାରି ବୁଝନ୍ତି। ସଙ୍ଗେସଙ୍ଗେ ସମାଧାନ ପାଇଁ ପ୍ରତିଶ୍ରୁତିର ପାହାଡ ଦେଖାଇ ଦିଅନ୍ତି। କ୍ଷମତାକୁ ଆସିବା ପରେ ନିର୍ବାଚିତ ପ୍ରତିନିଧି ସମସ୍ତ ପ୍ରତିଶ୍ରୁତିକୁ ଭୁଲି ଯାଉଛନ୍ତି। ସେହିପରି ବିକାଶ ମଞ୍ଚର ସଭାପତି ଶିବ କୁମାର ମୁନି କୁହନ୍ତି, ବ୍ଲକ ଅଞ୍ଚଳବାସୀଙ୍କ ପାଇଁ ଅଭାବ ରହିଥିବା ମୌଳିକ ଆବଶ୍ୟକତାକୁ ଶୀଘ୍ର ପୂରଣ କରିବାକୁ ଅନେକ ଥର ସରକାରଙ୍କ ପାଖରେ ଦାବି କରିବା ସହ ଜନଆନ୍ଦୋଳନ କରାଯାଇଥିଲା। ସମସ୍ତ ଅଭାବକୁ ପୂରଣ କରି ଦିଆଯିବ ବୋଲି ୫ ବର୍ଷ ହେଲା ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ହେଲେ ଏଯାଏ ଏହା ପୂରଣ ହେଲାନି, ପୁଣି ଆଗାମୀ ୫ ବର୍ଷକୁ ଅପେକ୍ଷା କରିବାକୁ ପଡିବ।



ଅନ୍ୟଠାରୁ ଯାହା ଉପକାର ପାଇଲ, ତାକୁ ଭୁଲିଯିବା ଉଚିତ ନୁହେଁ କି ଅନ୍ୟ ପ୍ରତି କରିଥିବା ଉପକାର କଥା ଆଦୌ ମନେ ପକାଇବା ଉଚିତ ନୁହେଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଟ୍ରାଭେରାକୁ ପିଟିଲା ଟ୍ରକ୍, ୧ ମୃତ

ସାକ୍ଷୀଗୋପାଳ,୫।୪ (ଡି.ଏନ୍.ଏ./ସ୍ୱ.ପ୍ର.): ପୁରୀ ରାଜପଥର ସତ୍ୟବାଦୀ ଥାନା ବୀରଗୋବିନ୍ଦପୁର ନିକଟରେ ଶୁକ୍ରବାର ଗୋଟିଏ ଟ୍ରାଭେରା ଗାଡ଼ିକୁ ଏକ ଟ୍ରକ ଧକ୍କା ଦେବାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ସହର ବାଶେଲୀ ସାହିର ପ୍ରଶନ୍ନ କୁମାର ଦାସ(୪୦)। ପ୍ରକାଶ ଯେ, ଭୋର ସମୟରେ ନଂ ଓଡି-୧୩ ଡି/୫୩୩୫ ବିଶିଷ୍ଟ ଟ୍ରାଭେରାରେ ପ୍ରଶନ୍ନ ଭୁବନେଶ୍ୱରରୁ ପୁରୀ ଫେରୁଥିବା ବେଳେ ପଛପଟୁ ଏକ ଅଜଣା ଟ୍ରକ ତାଙ୍କ ଗାଡିକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ପ୍ରଶନ୍ନ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ଏ ନେଇ ମୃତ ପ୍ରଶନ୍ନଙ୍କ ସମ୍ପର୍କୀୟ ରାଜ କିଶୋର ମହାନ୍ତି ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ୫୮/ ୧୯ରେ ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ଘଟଣାସ୍ଥଳରୁ ଟ୍ରକଟି ଖସି ପଳାଇଥିବା ବେଳେ ଟ୍ରାଭେରାକୁ ପୋଲିସ ଜବତ କରିଛି।

### ଯୁବକଙ୍କ ଆତ୍ମାହୁତି ଧମକ



ପୁରୀ ଅଫିସ,୫।୪ : ପୁରୀ ପୌର ସଂସ୍ଥା ପକ୍ଷରୁ ସ୍ୱଚ୍ଛ ଭାରତ ଯୋଜନାରେ କେତେକ ୱାର୍ଡରୁ ଅଳିଆ ହଟାଇବା ଲାଗି ଠିକା ନେଇଥିବା ଜଣେ ବ୍ୟକ୍ତି ବକେୟା ଅର୍ଥ ନ ପାଇ ଶେଷରେ ଆତ୍ମାହୁତି କରିବାକୁ ଧମକ ଦେଇଛନ୍ତି। ସେ ହେଲେ ସଦର ବ୍ଲକ ଶାସନ ଦାମୋଦରପୁର ଗ୍ରାମର ରାକେଶ ଦାଶ। ରାକେଶ ଶୁକ୍ରବାର ଗାନ୍ଧୀପାର୍କଠାରେ ଏକ ଖବରଦାତା ସମ୍ମିଳନୀ ଡାକି ଏ ସମ୍ପର୍କରେ ଜଣାଇଥିଲେ। ବାରମ୍ବାର ବକେୟା ଅର୍ଥ ପାଇବା ଲାଗି ପୌର ସଂସ୍ଥା, ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କରି ନିରାଶ ହେବା ପରେ ଏହି ଚରମ ନିଷ୍ପତି ନେଇଥିବା ଗଣମାଧ୍ୟମକୁ ଜଣାଇଛନ୍ତି। ଶନିବାର ସେ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହୁତି ଦେବେବୋଲି ନିଷ୍ପତ୍ତି ନେଇଛନ୍ତି। ରାକେଶ କହିଲେ ଯେ, ସ୍ୱଚ୍ଛ ଭାରତ ଯୋଜନାରେ କେତେକ ୱାର୍ଡରୁ ଅଳିଆ ହଟାଇବା ଲାଗି ଟେଣ୍ଡର ନେଇଥିଲେ। ଏ ବାବଦକୁ ପୌର ସଂସ୍ଥା ଠାରୁ ଲକ୍ଷାଧିକ ଟଙ୍କା ପାଇବାର ଅଛି। ବାରମ୍ବାର ଲିଖିତ ଅଭିଯୋଗ ସତ୍ତ୍ୱେ ପୌର କର୍ତ୍ତୃପକ୍ଷ ଅର୍ଥ ପ୍ରଦାନ କରିନାହାନ୍ତି। ଅନ୍ୟପଟେ କର୍ମଚାରୀଙ୍କୁ ଦରମା ଦେଇ ନ ପାରି ସେ କରଜରେ ବୁଡି ରହିଛନ୍ତି। ଏତେଗୁଡାଏ ଟଙ୍କା ନ ପାଇଲେ, ମୁଁ କ୍ଷତିଗ୍ରସ୍ତ ହେବି ବୋଲି ସେ କହିଥିଲେ।

### ଚା' ଖଟିରେ କଂଗ୍ରେସ ଲୋକ ସଭା ପ୍ରାର୍ଥୀ



ପୁରୀ ଅଫିସ, ୫।୪ : ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପୁରୀ ଲୋକସଭା ଓ ବିଧାନସଭା ପ୍ରାର୍ଥୀପତ୍ର ଦାଖଲ ସମାପ୍ତ ହୋଇଛି। ଶୁକ୍ରବାର ଠାରୁ ପ୍ରାର୍ଥୀ ମାନଙ୍କ ପ୍ରଚାର ଆରମ୍ଭ ହୋଇଛି। ପୁରୀ କଂଗ୍ରେସ ଲୋକସଭା ପ୍ରାର୍ଥୀ ସତ୍ୟପ୍ରକାଶ ନାୟକ ଟାଉନହଲ ଛକରେ ଚା ଖଟିରେ ଭୋଟରଙ୍କ ସହ ବାର୍ତାଳାପ କରିଥିଲେ। ସେମାନଙ୍କ ସହ ଚା-ପାନ କରିଥିଲେ। ବହୁ କଂଗ୍ରେସ କର୍ମୀ ତାଙ୍କ ସହିତ ଯୋଗଦାନ କରିଥିଲେ।

### ଆସିତେଡୁ ଆଖଡ଼ା ଖେଳାଳୀଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ, ୫।୪: ନେପାଳର କାଠମାଣ୍ଡୁଠାରେ ମାର୍ଚ୍ଚ ୩୧ରୁ ଏପ୍ରିଲ ୩ତାରିଖ ପର୍ଯ୍ୟନ୍ତ ୩ୟ ଏସିଆଡ ଆସିତେଡୁ ଆଖଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଭାରତରୁ ୨୪ଜଣ ଖେଳାଳୀ ଅଂଶଗ୍ରହଣ କରିଥିଲେ। ସେଥିରୁ ଓଡ଼ିଶାର ୪ଜଣ ଖେଳାଳୀ ରହିଥିଲେ। ପୁରୀରୁ ଶକ୍ତି ସ୍ୱରୂପା ସାହୁ ସ୍ୱର୍ଣ୍ଣ, ସତ୍ୟଜିତ ନାୟକ ରୌପ୍ୟ ପଦକ ହାସଲ କରି ଓଡ଼ିଶା ତଥା ଭାରତ ଲାଗି ଗୌରବ ଆଣିଥିଲେ। ଏହି ପଦକ ବିଜେତା ଖେଳାଳୀଙ୍କୁ ଶୁକ୍ରବାର ସ୍ଥାନୀୟ ସନ୍ତୋଷି ଇଂରାଜୀ ମିଡିୟମ୍ ସ୍କୁଲରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ହୃଷିକେଶ କାଣ୍ଡି, ସ୍କୁଲ ସମ୍ପାଦିକା ଶିବାସିନୀ ବଳିଆର ସିହ୍ନା, ଅଧକ୍ଷା ଅଜନ୍ତା ବଳିଆରସିହ୍ନା, କ୍ରୀଡା ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ନାଥ, ପ୍ରିୟମ୍ବଦା ଜେନା ଓ ଆସିତେଡୁ ଆଖଡାର ରାଜ୍ୟ ସମ୍ପାଦକ ସବ୍ୟସାଚୀ ରଥ ପ୍ରମୁଖ ଯୋଗଦେଇଥିଲେ।

# ଗଢ଼ିଲା ଦିବ୍ୟାଙ୍ଗ ଭୋଟର ସଚେତନତା ରଥ

ପୁରୀ ଅଫିସ, ୫।୪:

୨୦୧୯ ସାଧାରଣ ନିର୍ବାଚନରେ ଯେପରି ପ୍ରତ୍ୟେକ ବର୍ଗର ଭୋଟର ସାମିଲ ହୋଇପାରିବେ ତାହା ଉପରେ ନିର୍ବାଚନ କମିଶନ ଗୁରୁତ୍ୱାରୋପ କରିଛନ୍ତି। ତେଣୁ ଦିବ୍ୟାଙ୍ଗ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରିବା ଲାଗି ପୁରୀ ଜିଲା ପ୍ରଶାସନ ଏକ ରଥର ଶୁଭାରମ୍ଭ କରିଛି। ଦିବ୍ୟାଙ୍ଗ ଭୋଟର ସଚେତନତା ରଥକୁ ଶୁକ୍ରବାର ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜିଲାପାଳ କହିଛନ୍ତି ଯେ, ସାଧାରଣତଃ ଦିବ୍ୟାଙ୍ଗ ଭୋଟରମାନେ ବୁଥ୍‌କୁ ଯିବା ଲାଗି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି କାରଣ ଯୋଗୁ ଅନେକେ ମତଦାନ ସାବ୍ୟସ୍ତ କରିପାରନ୍ତି ନାହିଁ। ଚଳିତ ନିର୍ବାଚନ ଲାଗି ପୁରୀ ଜିଲାରେ ପ୍ରାୟ ୨୦ ହଜାର ଦିବ୍ୟାଙ୍ଗ ଭୋଟରଙ୍କୁ ଚିହ୍ନଟ କରାଯାଇଛି। ସେମାନେ କିଭଳି ବୁଥ୍‌କୁ ଆସି ଭୋଟ ଦେବେ ସେ ସବୁର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବୁଥ୍‌ରେ ର୍ୟାମ୍ପ ଏବଂ ହ୍ୱିଲ୍‌ଚେୟାର ରହିଛି। ଦିବ୍ୟାଙ୍ଗ ଭୋଟରଙ୍କୁ ଘରୁ ଆଣିବା ଲାଗି ପ୍ରାୟ ୧,୧୦୦ ଗାଡ଼ିର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଜିଲାରେ ପ୍ରାୟ ୧୫୦ ମଡେଲ ବୁଥ୍ କରାଯାଇଛି। ଦିବ୍ୟାଙ୍ଗ ଭୋଟରଙ୍କୁ ସହଯୋଗ କରିବା ଲାଗି ପ୍ରତି ବୁଥ୍‌ରେ ୨ଜଣ ଲେଖାଏ ସ୍ୱେଚ୍ଛାସେବୀ ନିଯୋଜିତ ରହିବେ। ସବୁ ବ୍ଲକରେ ଏହି ରଥମାନ ପରିକ୍ରମା କରିବା ନିମନ୍ତେ ସମ୍ପୃକ୍ତ ବିଡିଓ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଜିଲାପାଳ କହିଥିଲେ। ଅକ୍ଷୟ କୁମାର ସାହୁ ଏବଂ ରବି କୁମାର ତ୍ରିପାଠୀ ଦିବ୍ୟାଙ୍ଗ ଭୋଟର ସଚେତନତା କାର୍ଯ୍ୟକ୍ରମର ଆଇକନ ରହିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କର, ସଦର ବିଡିଓ ରବୀନ୍ଦ୍ର ବାରିକ, ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ହରିଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ସଚେତନତା ରଥକୁ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ଗ୍ରାମ୍ୟ ଜଙ୍ଗଲକୁ ନେଇ ଆକ୍ରମଣ ଘଟଣା: ୨ ଅଟକ

ବ୍ରହ୍ମଗିରି,୫।୪(ଡି.ଏନ୍.ଏ.)

ସାହାଜାନପୁର ଗ୍ରାମ୍ୟ ଜଙ୍ଗଲକୁ ନେଇ ଜଙ୍ଗଲ ଜଗୁଆଳିଙ୍କୁ ମରଣାନ୍ତକ ଆକ୍ରମଣ, କ୍ୟାମ୍ପ ପୋଡ଼ି ଓ ଏସିଡ୍ ମାଡ଼ରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ୧୮ ଜଣଙ୍କ ନାମରେ ମାମଲା ରୁଜୁ କରିଥିବା ସମୟରେ ଦୁଇ ଜଣଙ୍କୁ ଥାନାରେ ଅଟକ ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାହାଜାନପୁର ଗ୍ରାମ ନିକଟରେ ଥିବା ସାହାଜାନପୁର ଗ୍ରାମ୍ୟ ଜଙ୍ଗଲକୁ ନେଇ ସାହାଜାନପୁର ଓ ଚାପମାଣିକ ଗ୍ରାମ ମଧ୍ୟରେ ଦୀର୍ଘଦିନରୁ ବିବାଦ ଲାଗିରହିଥିଲା। ଏହି ଗ୍ରାମ୍ୟ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସାହାଜାନପୁର ଗ୍ରାମବାସୀ ପାଳିକରି ଜଙ୍ଗଲକୁ ଜଗାରଖା କରୁଥିଲେ। ରବିବାର ଉକ୍ତ ଜଙ୍ଗଲକୁ ସାହାଜାନପୁରର କେତେଜଣ ଜଗିଥିବା ସମୟରେ ପୂର୍ବ ବିବାଦକୁ ନେଇ କେତେଜଣ ଲୋକେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଜଗୁଆଳିମାନେ ଶୋଇଥିବା କ୍ୟାମ୍ପରେ ନିଆଁ ଲଗାଇ ଦେଇଥିଲେ। ଉକ୍ତ କ୍ୟାମ୍ପରେ ଶୋଇଥିବା ଲୋକମାନେ ଜୀବନ ବିକଳରେ ବାହାରକୁ ବାହାରିବା ସମୟରେ ସେମାନଙ୍କୁ ଏସିଡ୍ ମାଡ଼ କରିବା ସହିତ ବିଭିନ୍ନ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଦୋଳଗୋବିନ୍ଦ ମହାନ୍ତି ମୃତ୍ୟୁବରଣ କରିଥିଲେ। ବାବୁଲା ହରିଚନ୍ଦନ ଗୁରୁତର ହୋଇଥିବା ସମୟରେ ରାଜେନ୍ଦ୍ର ପ୍ରଧାନ, ରଜନୀକାନ୍ତ ମହାନ୍ତି, ହରମୋହନ ଶ୍ରୀଚନ୍ଦନ ଆହତ ହୋଇଛନ୍ତି। ଏ ସମ୍ପର୍କରେ ବ୍ରହ୍ମଗିରି ଥାନାରେ ୧୮ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏ ନେଇ ଗୁରୁବାର ରାତିରେ ଦୁଇଜଣଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

# କେନାଲରେ ଖସିପଡ଼ି ବାଇକ୍ ଚାଳକଙ୍କ ମୃତ୍ୟୁ

ନିମାପଡ଼ା,୫।୪(ଡି.ଏନ୍.ଏ.):

ଗୁରୁବାର ରାତିରେ କେନାଲରେ ଖସିପଡିବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ତମ୍ପାଲୋ ପଞ୍ଚାୟତ ଟୁଆଁସାହି ଗ୍ରାମର ଲିପୁନ୍ ପ୍ରତିହାରୀ। ସୂଚନା ଅନୁଯାୟୀ, ଲିପୁନ୍ ଗୁରୁବାର ରାତିରେ ତମ୍ପାଲୋ ବଜାରରୁ ବାଇକ୍‌ରେ କେନାଲ ବନ୍ଧ ରାସ୍ତାରେ ଘରକୁ ଫେରୁଥିଲେ। କୌଣସି କାରଣରୁ ଭାରସାମ୍ୟ ହରାଇ ବାଇକ୍ ସହ ସେ କେନାଲରେ ପଡି ବୁଡିଯାଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଶୁକ୍ରବାର ସକାଳେ ନିମାପଡ଼ା ଥାନା ଓ ଚାରିଛକ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ ଲିପୁନଙ୍କ ବାପା କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୦୦/୧୯)ରୁଜୁ କରି ତଦନ୍ତ ଚଳାଇଛି। ଲିପୁନଙ୍କ ମୃତ୍ୟୁରେ ଟୁଆଁସାହି, ତମ୍ପାଲୋ, ପୋଦନା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ ଲିପୁନଙ୍କ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି।

■ ଖଣ୍ଡା, ବନ୍ଧୁକ ଦେଖାଇ ଯାତ୍ରୀଙ୍କୁ ଧମକ

# କାର୍ କାଚ ଭାଙ୍ଗି ଲୁଟିନେଲେ ସୁନା, ୧୦ ହଜାର ଟଙ୍କା

ସାକ୍ଷୀଗୋପାଳ,୫।୪(ଡି.ଏନ୍.ଏ.)

ସତ୍ୟବାଦୀ ଥାନା ଅନ୍ତର୍ଗତ ୫ନଂ ଜାତୀୟ ରାଜପଥରୁ ପୁରୀକୁ ସଂଯୋଗ କରୁଥିବା ନୂଆ ଜଗନ୍ନାଥ ସଡ଼କରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପୁରୀକୁ ଅସ୍ଥି ବିସର୍ଜନ କରିବା ପାଇଁ କାର୍‌ରେ ଯାଉଥିବା ଯାତ୍ରୀଙ୍କୁ ୬ଜଣ ଦୁର୍ବୃତ୍ତ ଖଣ୍ଡା, ବନ୍ଧୁକ ଦେଖାଇ ଧମକ ଦେବା ସହ କାର୍ କାଚ ଭାଙ୍ଗି ସୁନା ଅଳଙ୍କାର ଓ ୧୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଗଞ୍ଜାମ ଜିଲାର ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବାଲିଆ ଗ୍ରାମର ସନ୍ତୋଷୀ ବେହେରା ତାଙ୍କ ସ୍ୱାମୀଙ୍କ ଅସ୍ଥି ବିସର୍ଜନ କରିବା ପାଇଁ ପରିବାର ସହ (ନଂ ବିଶିଷ୍ଟ ଓଡି -୦୭ ଇ- ୮୭୯୭) ଇଣ୍ଡିଗୋ ଇସିଏସ୍ କାର୍‌ରେ ପୁରୀ ଯାଉଥିଲେ। ନୂଆଜଗନ୍ନାଥ ସଡକର ଶୁକଳ ମେଳଣ ପଡିଆଠାରୁ କିଛି ଦୂରରେ ହଠାତ ଏକ ଧଳା ରଙ୍ଗର ଆପାଚି ଓ କଳା ରଙ୍ଗର ପଲସର ଦୁଇଟି ବାଇକରେ ୬ଜଣ ଯୁବକ ମାରଣାସ୍ତ୍ର ସହ ତାଙ୍କ କାରକୁ ଅଟକାଇବାକୁ ଉଦ୍ୟମ କରିଥିଲେ। ମାତ୍ର ଗାଡିଚାଳକ କାର ନ ଅଟକାଇବାରୁ ସେମାନେ ଖଣ୍ଡାରେ କାର କାଚ ଭାଙ୍ଗିଦେଇଥିଲେ। କାର୍ ସମ୍ମୁଖରେ ବାଇକ୍ ରଖି କାର ଭିତରୁ ବାହାର ନଚେତ ମାରିଦେବୁ ବୋଲି ଦୁର୍ବୃତ୍ତମାନେ ଖଣ୍ଡା ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ସନ୍ତୋଷୀଙ୍କ ବେକରୁ ସୁନାହାର ଓ କାନରୁ ରୁଲି, ତାଙ୍କ ଦିଅର କାର୍ତ୍ତିକ ବେହେରାଙ୍କ ମନିପର୍ସରେ ଥିବା ୧୦ ହଜାର ଟଙ୍କା, ଏଟିଏମ କାର୍ଡ, ପ୍ୟାନ କାର୍ଡ ଏବଂ ଗାଡି ଚଳକ ଧନୁ ମହାରଣାଙ୍କଠାରୁ କିଛିଟଙ୍କା, ଡ୍ରାଇଭିଙ୍ଗ୍ ଲାଇସେନ୍ସ, ଆଧାର କାର୍ଡ ଲୁଟି ନେବା ପରେ ପଳାଇବାକୁ ଧମକ ଦେଇଥିଲେ। ସେମାନେ ପୁରୀ ଯିବା ବାଟରେ ଚନ୍ଦନପୁର ଥାନାରେ ଏ ସମ୍ପର୍କରେ ଜଣାଇଥିଲେ। ସଙ୍ଗେସଙ୍ଗେ ପୋଲିସ ଭ୍ୟାନ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ ଘଟଣାଟି ସତ୍ୟବାଦୀ ଥାନା ଅଞ୍ଚଳରେ ଘଟିଥିବାରୁ ସେଠି ଅଭିଯୋଗ କରିବାକୁ କହିଥିଲେ। ତଦନୁଯାୟୀ ଲୁଟର ଶିକାର ହୋଇଥିବା ଯାତ୍ରୀମାନେ ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ଦୁର୍ବୃତ୍ତମାନେ ଭାଙ୍ଗିଦେଇଥିବା କାର୍।

### ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକୋତ୍ସବ

ନିମାପଡ଼ା,୫।୪(ଡି.ଏନ୍.ଏ.):

ନିମାପଡ଼ାସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ୧୩ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ସତ୍ୟନାରାୟଣ ମିଶ୍ର ଅଧକ୍ଷତା କରିବା ସହ ଅତିଥି ପରିଚୟ,ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିଭାବେ ରାଜ୍ୟ ଘରୋଇ ବିଦ୍ୟାଳୟ ମହାସଂଘର ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ବେହେରା, ଅଲ ଓଡ଼ିଶା ଜାଭିୟର ହାଇସ୍କୁଲର ଚେୟାରମ୍ୟାନ ପ୍ରଭାତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗଢ଼ିତୋଳିବାରେ ଜାଭିୟର ହାଇସ୍କୁଲର ଭୂମିକା, ଶିକ୍ଷାଦାନ, ଜ୍ଞାନର ବିକାଶ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିମଳ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୧ଶହ ମିଟର ଦୌଡରେ ଅଂଶୁମାନ ମିଶ୍ର ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ୨ଶହ ମିଟର ଦୌଡରେ ସୂର୍ଯ୍ୟ ସାହୁ ପ୍ରଥମ ସ୍ଥାନ, ସ୍ଲୋ ସାଇକେଲ ରେସରେ ସୂର୍ଯ୍ୟନାରାୟଣ ସେନାପତି ପ୍ରଥମସ୍ଥାନ, ଗଣିତ ରେସରେ ବିଶ୍ୱଜିତ ପରିଜା ପ୍ରଥମସ୍ଥାନ, ପୋଟାଟୋ ରେସରେ ପ୍ରଥମସ୍ଥାନ ପ୍ରିୟାଂଶୁ ଶେଖର ବେହେରାଙ୍କ ସମେତ ବହୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଉତ୍ସବରେ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ଛାତ୍ରୀଛାତ୍ର ଓ ଅଭିଭାବକମାନେ ଯୋଗଦେଇଥିଲେ।

# ପେଟ୍ରୋଲପମ୍ପ ଲୁଟ୍ ଘଟଣା, ୩ ଗିରଫ



ଗିରଫ ୩ ଅଭିଯୁକ୍ତ।

ପିପିଲି,୫।୪(ଡି.ଏନ୍.ଏ.)

ବଳଙ୍ଗା ଥାନା ଅନ୍ତର୍ଗତ ଏକ ପେଟ୍ରୋଲପମ୍ପରୁ ଲୁଟ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ଖଣ୍ଡା, ବନ୍ଧୁକ, ୪ଟି ମୋବାଇଲ ଫୋନ ଓ ୮ହଜାର ଟଙ୍କା ଜବତ କରାଯାଇଥିବା ପିପିଲି ଏସ୍‌ଡିପିଓ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଦେବଦତ୍ତ ବରାଳ କହିଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୬ତାରିଖ ଦିନ ବଳଙ୍ଗା ସାଗର ଫିଲିଙ୍ଗ ଷ୍ଟେଶନରୁ ଉକ୍ତ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଟଙ୍କା ଲୁଟ କରିଥିଲେ। ଏହାସହ ଖଣ୍ଡା ଚୋଟରେ ପେଟ୍ରୋଲପମ୍ପ କ୍ୟାଶିୟରଙ୍କ ସହ ସାଧାରଣ ଲୋକଙ୍କୁ ହାଣି ଭୟଭୀତ ଦେଖାଇ ଫେରାର ହୋଇଯାଇଥିଲେ। ଘଟଣା ଦିନଠାରୁ ପୁରୀ ଏସପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ବଳଙ୍ଗା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ। ଦୁଇଜଣ ଅଭିଯୁକ୍ତଙ୍କ ଘର ସତ୍ୟବାଦୀ ଥାନା ଅଞ୍ଚଳରେ ହୋଇଥିବାବେଳେ ଅନ୍ୟ ଜଣଙ୍କ ଘର ଲିଙ୍ଗରାଜ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।

# ପ୍ରଚାରର ମାଧ୍ୟମ ପାଲଟିଛି ଅଙ୍ଗନୱାଡି କେନ୍ଦ୍ର

ବ୍ରହ୍ମଗିରି, ୫।୪(ଡି.ଏନ୍.ଏ.)

ନିର୍ବାଚନ ପ୍ରଚାର ଓ ଏକ ନିର୍ଦ୍ଦିଷ୍ଟ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମ ପାଲଟିଛି। ଏ ନେଇ ବ୍ରହ୍ମଗିରି ବ୍ଲକର ଏକ ଅଙ୍ଗନୱାଡି କେନ୍ଦ୍ରରେ ମହିଳା ଗୋଷ୍ଠୀଙ୍କୁ ଏକ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ପ୍ରବର୍ତ୍ତାଉଥିବା ସମୟରେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ଏ ସମ୍ପର୍କରେ ବ୍ରହ୍ମଗିରି ସିଡିପିଓ ପ୍ରେମଲତା ସେଠୀଙ୍କୁ ପଚାରିବାରେ ସେ କୁହନ୍ତି, ଆମେ କୌଣସି କେନ୍ଦ୍ରରେ ଏଭଳି କାର୍ଯ୍ୟ କରିବାକୁ ପ୍ରଶ୍ରୟ ଦେଇନାହୁଁ। ଯଦି କୌଣସି ସ୍ଥାନରେ ଅଭିଯୋଗ ଆସୁଛି ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୨ୟ ଥର ଲାଗି ମିଷ୍ଟର ଇଣ୍ଡିଆ ହେଲେ ଅନିଲ

ପୁରୀ ଅଫିସ, ୫।୪:

ତାମିଲନାଡୁ ଠାରେ ଅନୁଷ୍ଠିତ ଜାତୀୟ ସିନିୟର ବଡି ବିଲ୍‌ଡିଙ୍ଗ୍ ଚାମ୍ପିୟନଶିପ୍‌ରେ ମିଷ୍ଟର ଇଣ୍ଡିଆ ଟାଇଟଲ ହାସଲ କରିଛନ୍ତି ଅନିଲ ଗୋଛିକାର। ଦ୍ୱିତୀୟ ଥର ଲାଗି ସେ ଏହି ଟାଇଟଲ ହାସଲ କରିଛନ୍ତି। ଏହି ଅବସରରେ ଶୁକ୍ରବାର ପୁରୀ ଜିଲା ବଡି ବିଲ୍‌ଡିଙ୍ଗ ଆସୋସିଏଶନ ତରଫରୁ ବ୍ୟାୟମ ଭବନ ଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆସୋସିଏଶନର ସଭାପତି ସତ୍ୟନାରାୟଣ ମହାନ୍ତି, ସମ୍ପାଦକ ନାରାୟଣ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଭାରତୀକୃଷ୍ଣ ବ୍ରହ୍ମା, ଅଜୟ କୁମାର ମହାପାତ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଅନିଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ପ୍ରକାଶ ଯେ, ଗତ ମାର୍ଚ୍ଚ ୩୦ତାରିଖରେ ଏହି ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଭାରତବର୍ଷର ବିଭିନ୍ନ ସ୍ଥାନରୁ ପ୍ରାୟ ୬ଶହ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ୭୦କେଜି ପ୍ରତିଯୋଗିତାରେ ଅନିଲ ସ୍ୱର୍ଣ୍ଣପଦକ ସହ ଟାଇଟଲ ହାସଲ କରିଥିଲେ। ପୂର୍ବରୁ ସେ ଜାତୀୟ ସ୍ତରରେ ୨୦୧୭ ମଧ୍ୟପ୍ରଦେଶରେ ସ୍ୱର୍ଣ୍ଣ, ମହାରାଷ୍ଟ୍ରରେ ଆନ୍ତର୍ଜାତୀକ ସ୍ତରରେ ସ୍ୱର୍ଣ୍ଣ ଏବଂ ୨୦୧୮ରେ ଜାତୀୟ ସ୍ତରରେ ରୌପ୍ୟ ପଦକ ହାସଲ କରିଥିଲେ।



ଅନିଲ ଗୋଛିକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

■ ଭାଜପା ସଙ୍କଳ୍ପ ସଭା ପାଲଟିଲା ମିଶ୍ରଣ ସମାବେଶ

# ବିକଶିତ ରାଷ୍ଟ୍ର ଗଠନ ପାଇଁ ଆହ୍ୱାନ

ସାକ୍ଷୀଗୋପାଳ, ୫।୪ (ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକର ଶୁକଳ ମେଳଣ ପଡିଆରେ ଭାଜପାର ସଙ୍କଳ୍ପ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିବା ନେତା ଓ ସେମାନଙ୍କର ସମର୍ଥକମାନଙ୍କୁ ଏହି ସମାବେଶରେ ଏକାଠି କରି ନିର୍ବାଚନ ରଣାଙ୍ଗନକୁ ଭାଜପା ପ୍ରାର୍ଥୀମାନେ ଓହ୍ଲାଇଛନ୍ତି। ଦଳର ହେଭିୱେଟ ନେତା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ କଲରାଜ ମିଶ୍ର, ପୁରୀ ଲୋକ ସଭା ପ୍ରାର୍ଥୀ ଡ. ସମ୍ବିତ ପାତ୍ର, ପୁରୀ ଓ ସତ୍ୟବାଦୀ ବିଧାନସଭା ପ୍ରାର୍ଥୀ ଯଥାକ୍ରମେ ଜୟନ୍ତ କୁମାର ଷଡଙ୍ଗୀ, ଓମ୍ ପ୍ରକାଶ ମିଶ୍ରଙ୍କ ସହ ଡ. ବିଶ୍ୱନାଥ ରଥ, କୃଷ୍ଣ ଜଗଦେବ, ପ୍ରଭଞ୍ଜନ ମହାପାତ୍ର, ସୁରଥ ବିଶ୍ୱାଳ ପ୍ରମୁଖ ରାଜ୍ୟ ସରକାରଙ୍କୁ ପରିବର୍ତ୍ତନ କରି ମୋଦି ସରକାରଙ୍କ ବିକଶିତ ରାଷ୍ଟ୍ର ଗଠନରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜୟନ୍ତ ଷଡଙ୍ଗୀଙ୍କ ସହିତ ସତ୍ୟବାଦୀ ବ୍ଲକ ପୂର୍ବତନ ଅଧକ୍ଷ ପ୍ରେମାନନ୍ଦ ବେହେରା, ବିଜେଡିର ପୂର୍ବତନ ବ୍ଲକ ସଭାପତି ରତିକାନ୍ତ ମିଶ୍ର, ପୂର୍ବତନ ସମିତିସଭ୍ୟ ଦୀପକ କୁମାର ଶତପଥୀଙ୍କ ସମେତ ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇ ପଦ୍ମ ଧରିଥିବା ସଭାରେ ଖୋଲାଖୋଲି ଘୋଷଣା କରିଥିଲେ। ଆଧ୍ୟାତ୍ମିକ ତଥା ଅନ୍ତର୍ଜାତୀୟ ସହର ପୁରୀ ସହ ସମଗ୍ର ଜିଲାର ପ୍ରତି ଗାଁରେ ରହିଥିବା ବିଭିନ୍ନ ସମସ୍ୟା ଦୂର କରିବା ନିମନ୍ତେ ମୋଦି ପୁରୀ ଲୋକ ସଭାର ପ୍ରାର୍ଥୀ କରି ତାଙ୍କୁ ପଠାଇଥିବା ଶ୍ରୀ ପାତ୍ର କହିଥିଲେ। ଆପଣମାନଙ୍କର ପ୍ରତିଟି ସମାସ୍ୟାର ସମାଧାନ କରିବା ନିମନ୍ତେ ଆବଶ୍ୟକ କ୍ଷେତ୍ରରେ ମୋଦିଙ୍କ ସହାୟତାରେ କରିବି ବୋଲି ଜନସଭାରେ ସେ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ର ସରକାର ଓଡିଶାର ବିକାଶ ପାଇଁ ପଠାଉଥିବା ଅନୁଦାନ ରାଶି ଠିକଣା ଢଙ୍ଗରେ ବ୍ୟୟ କରାଯାଉ ନ ଥିବାବେଳେ ଟଙ୍କା ଖର୍ଚ୍ଚ ନ ହୋଇ ଫେରିଯାଉଛି। ଓଡିଶାର ବିକାଶରେ ବାଧକ ସାଜିଥିବା ଦୁର୍ନୀତିଗ୍ରସ୍ତ ରାଜ୍ୟ ସରକାର ଜନସାଧାରଣଙ୍କ ଆସ୍ଥା ହରାଇଛନ୍ତି। ଏହାକୁ ପ୍ରମାଣିତ କରି କାମରେ ଦେଖାଇ ଦେବାକୁ ଉପସ୍ଥିତ ବୁଦ୍ଧିଜୀବୀ, ଯୁବକ, ମହିଳା, କୃଷକ ଓ ଶ୍ରମଜୀବୀମାନଙ୍କୁ ଭାରତ ମାତା ନାମରେ ସଙ୍କଳ୍ପ ନେବାକୁ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଥିଲେ। ସତ୍ୟବାଦୀ ଓ କଣାସ ବ୍ଲକର ହଜାର ହଜାର ସଂଖ୍ୟାରେ ଭାଜପା କର୍ମୀ ଏହି ସଭାରେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଭାଜପା ନେତୃବୃନ୍ଦ।